୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.88 Bhubaneswar Wednesday May 14 2025 | ୨୭ତମ ବର୍ଷ ସଂଖ୍ୟା-୮୮ ଭୁବନେଶ୍ୱର, ବୁଧବାର, ମଇ ୧୪, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS


# ମହାନଦୀ ପରେ ଶାଖା ନଦୀ ଉପରେ ଛତିଶଗଡ଼ର ଆଖି

ଭୁବନେଶ୍ୱର, ୧୩।୫(ପି.ଏନ): ପୁଣି ଛତିଶଗଡ଼ ସରକାରଙ୍କ ଦାଦାଗିରି । ମହାନଦୀର ପାଣି ଶୁଖାଇବାକୁ କରୁଛି ଷଡଯନ୍ତ୍ର । ମହାନଦୀର ଶାଖା ସାନକେଲୋ ନଦୀରେ ନିର୍ମାଣ କରୁଛନ୍ତି ଆଉ ଏକ ବ୍ୟାରେଜ । ଅଣ ମୌସୁମୀ ସମୟରେ ସାନକେଲୋ ନଦୀକୁ ଟୋପାଏ ପାଣି ଆସିବ ନାହିଁ । ଫଳରେ ହୀରାକୁଦ ଜଳଭଣ୍ଡାର ପ୍ରଭାବିତ ହେବା ସହ ସୀମାନ୍ତବାସୀ ପାଣି ପାଇଁ ଡହଳ ବିକଳ ହେବେ । ତେଣୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି ସ୍ଥାନୀୟ ଲୋକେ ।ମାନୁନି ଛତିଶଗଡ଼, ତୁଟିନି ମହାନଦୀ ବିବାଦ । ଟ୍ରିବ୍ୟୁନାଲରେ ଗଡୁଛି ମାମଲା । ହେଲେ ସାମ୍ନାକୁ ଆସୁଛି ଛତିଶଗଡ଼ର ଗୋଟିଏ ପରେ ଗୋଟିଏ ଦାଦାଗିରି । ସାନକେଲୋ ନଦୀରେ ନିର୍ମାଣ କରୁଛି ବ୍ୟାରେଜ । ମହନଦୀର ଶାଖା ନଦୀକୁ କବଜା କରି ବନ୍ଧ ବାନ୍ଧି ଚାଲିଛି ସେଠାକାର ସରକାର । ଆଉ ନିହଲ ବସିଛନ୍ତି ରାଜ୍ୟର ବିଜେପି ସରକାର । ଏହି ବ୍ୟାରେଜ୍? ନିର୍ମାଣ ସମ୍ପୂର୍ଣ୍ଣ ହେଲେ ହୀରାକୁଦକୁ ପାଣି ଆସିବା ଆହୁରି କମିବ । ପାଣି ମୁନ୍ଦେ ପାଇଁ ଡହଳ ବିକଳ ହେବେ ସୀମାନ୍ତବାସୀ । ପୂର୍ବରୁ ବଡ଼କେଲୋ ନଦୀରେ ବନ୍ଧ କରି ପାଣି ଅଟକାଇଥିବା ବେଳେ ଏବେ ପୁଣି ସାନକେଲୋ ନଦୀର ପାଣିକୁ ରୋକିବାକୁ ଷଡଯନ୍ତ୍ର କରୁଛି ଛତିଶଗଡ଼ । ଏଥର ରାୟଗଡ଼ ଜିଲ୍ଲାର ବେଲେରିଆ ନିକଟ ନଦୀ ଉପରେ ନିର୍ମାଣ ଚାଲିଛି ଏହି ବ୍ୟାରେଜ୍? । ମୌସୁମୀ ପୂର୍ବରୁ ପ୍ରକଳ୍ପ କାମ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି ଛତିଗଡ଼ ସରକାର କ୍ଷ ଏହି ବ୍ୟାରେଜ ନିର୍ମାଣ ହେଲେ ନଦୀର ପାଣି ଓଡିଶାର ଭିକମପାଲି ଦେଇ ଆଉ ଆସିବ ନାହିଁ ।ବେଲେରିଆରେ ନିର୍ମାଣ ହେଉଥିବା ବ୍ୟାରେଜ ପ୍ରକଳ୍ପକୁ ଷ୍ଟକ ୱାଟର ପ୍ରୋଜେକ୍ଟ ନାମ ଦିଆଯାଇଛି । ଏହା ବେଲେରିଆରୁ ଡୁମେରପାଲିକୁ ଯୋଡିବା ସହ ଜଳସେଚନ ଓ ଆଖପାଖ ଶିଳ୍ପକୁ ପାଣି ଯୋଗାଇବ । ତେବେ ପ୍ରକଳ୍ପ ନିର୍ମାଣ ହେଲେ ଝାରସୁଗୁଡା ଜିଲ୍ଲାର ଲଖନପୁର ବ୍ଲକରେ ଉତ୍କଟ ଜଳ ସମସ୍ୟା ଦେଖା ଦେବ । ଲଖନପୁର ବ୍ଲକର ଛୁଇଁପାଲି ଗାଁ ନିକଟରେ ଏହା ହୀରାକୁଦରେ ମିଶିଛି କ୍ଷ ପରୋକ୍ଷରେ ହୀରାକୁଦ ଜଳଭଣ୍ଡାର ମଧ୍ୟ ପ୍ରଭାବିତ ହେବା ଆଶଂକା ରହିଛି । ଅଣ ମୌସୁମୀ ସମୟରେ ନଦୀ ଅବବାହିକାରେ ଥିବା ଭିଖମପାଲି, ଅତାବିରା ଓ ବାଦିମାଲ ସମେତ ଆଖପାଖର ଅନେକ ପଞ୍ଚାୟତ ପାଣି ପାଇବାରୁ ବଞ୍ଚିତ ହେବେ । ଛତିଶଗଡ଼ର ଏହି ଷଡ଼ଯନ୍ତ୍ର ଯୋଗୁଁ ଚିରସ୍ରୋତା ମହାନଦୀ ବାଲିଚରରେ ପରିଣତ ହେବ ବୋଲି କହିଛନ୍ତି ଲୋକେ ।



# ଭୁବନେଶ୍ୱରରେ 'ଆମ ବସ' କର୍ମଚାରୀଙ୍କ ଆନ୍ଦୋଳନ

ଭୁବନେଶ୍ୱର, ୧୩।୫(ପି.ଏନ): କେମିତି ରଙ୍ଗ ରୁଟରେ ଗାଡ଼ି ଚଳାଉଛି 'ଆମ ବସ' । ଗତକାଲି ରାତ୍ରିରେ ବେପରୁଆ ଭାବରେ ଗାଡ଼ି ଚଳାଉଥିବା 'ଆମ ବସ' ବିଭିନ୍ନ ଜାଗାରେ କରିଥିଲା ଦୁର୍ଘଟଣା । ବିଭିନ୍ନ ସ୍ଥାନରେ ଦୁର୍ଘଟଣା ପରେ ଲୋକେ 'ଆମ ବସ' ର ପିଛା କରିଥିଲେ । 'ଆମ ବସ' ଚାଳକ ଗାଡ଼ି ଛାଡ଼ି ଦୌଡ଼ି ପଳାଇଥିବା ବେଳେ ଲୋକଙ୍କ ହାବୁଡ଼ରେ ପଡ଼ିଯାଇଥିଲେ କଣ୍ଡକ୍ଟର । ଉତ୍ତ୍ୟକ୍ତ ଲୋକେ କଣ୍ଡକ୍ଟରକୁ ମାଡ଼ ମାରିଥିବା ଅଭିଯୋଗ କରି ଆଜି ଆମ ବସ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ହେଲେ ସତ କିଛି ଅଲଗା ବୋଲି ଭିଡିଓରୁ ଜଣାପଡୁଛି । ରଙ୍ଗ ରୁଟରେ ଆମ ବସ ଡ୍ରାଇଭର ଗାଡ଼ି ଚଳାଉଥିବା ବେଳେ ଟ୍ରାଫିକ୍ ନିୟମକୁ ମାନୁନାହାନ୍ତି । ଆଇନକୁ ମଧ୍ୟ ଆମ ବସ ଡ୍ରାଇଭରଙ୍କ ଭୟ ରହୁନଥିବା ବେଳେ ଭୁଲ୍ ଗାଡ଼ି ଚାଳନା ଯୋଗୁଁ ଲୋକଙ୍କ ଜୀବନ ବିପଦରେ ପଡୁଥିବା ଅଭିଯୋଗ ହୋଇଛି । ସେପଟେ ଆମ ବସର କଣ୍ଡକ୍ଟରଙ୍କୁ ମାଡ଼ ମାରିବା ଅଭିଯୋଗରେ 'ଆମ ବସ'ର କଣ୍ଡକ୍ଟରଙ୍କୁ ମାଡ ମାରିବା ଅଭିଯୋଗରେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକ 'ଆମ ବସ' ଡିପୋରେ ବସ ଚଳାଚଳ ବନ୍ଦ । ସିଟି ବସ ଚଳାଚଳ ବନ୍ଦ କରି ଆନ୍‌ଦୋଳନ କରୁଛନ୍ତି କର୍ମଚାରୀ । ମାଷ୍ଟରକ୍ୟାଣ୍ଟିନ୍ ଛକ ଆମ ବସ ଷ୍ଟାଣ୍ଡରୁ ଗଡୁନି ବସ । ଅଭିଯୁକ୍ତକୁ ଗିରଫ ଦାବି ସହିତ ସୁରକ୍ଷା ଦାବି କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି କର୍ମଚାରୀ ।ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସାଧାରଣ ଲୋକେ ।



## ରାଜଧାନୀରେ ନିଆଁ ବର୍ଷା, ତ୍ରାହି ତ୍ରାହି ଡାକିଲେଣି ବାସିନ୍ଦା

ଭୁବନେଶ୍ୱର, ୧୩।୫(ପି.ଏନ): ସକାଳୁ ରାଜଧାନୀ ଭୁବନେଶ୍ୱରରେ ତାତି ସାଙ୍ଗକୁ ଅସହ୍ୟ ଗୁଳୁଗୁଳି । ୮ଟା ୩୦ ସୁଦ୍ଧା ରାଜଧାନୀ ଭୁବନେଶ୍ୱରର ତାତି ୩୨ ଦଶମିକ ୮ଡିଗ୍ରୀ ରେକର୍ଡ କରାଯାଇଛି । ସେହିପରି ଆଦ୍ରତା ରହିଛି ୭୧.୬ ପ୍ରତିଶତ । ଗତ ୩ ଦିନ ହବ ୪୦ ଡିଗ୍ରୀ ଉପରେ ରହିଛି ରାଜଧାନୀ ତାତି । ଘରୁ ପାଦ କାଢ଼ିବାକୁ ହେଲେ ଓଦା ଗାମୁଛା ସହ ପାଣି ବୋତଲ ସାଙ୍ଗରେ ଧରି ବାହାରିବାକୁ ପଡୁଛି ।ବାୟୁମଣ୍ଡଳରେ ଆଦ୍ରତା ପରିମାଣ ଅଧିକ ରହିବା ହେତୁ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି ।୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରବଳ ଗରମ ଅନୁଭୂତ ହେବ ବୋଲି ଆକଳନ କରିଛି ପାଣିପାଗ ବିଭାଗ ।

## ଆଣ୍ଡାମାନ ଛୁଇଁଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁଗଲା

ଭୁବନେଶ୍ୱର, ୧୩।୫(ପି.ଏନ): ଭାରତୀୟ ପାଣିପାଗ ବିଭାଗ (ଓଗଡ) ଅନୁସାରେ, ଦକ୍ଷିଣ-ପଶ୍ଚିମ ମୌସୁମୀ ଆଜି, ୧୩ ମେ ୨୦୨୫ରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଛୁଇଁଛି । ଏହା ନିର୍ଦ୍ଧାରିତ ସମୟଠାରୁ ପ୍ରାୟ ଏକ ସପ୍ତାହ ଆଗରୁ ଘଟିଛି, ଯାହା ଭାରତୀୟ ମୌସୁମୀ ଋତୁର ଆରମ୍ଭକୁ ସୂଚାଇଛି । ଆଣ୍ଡାମାନ ସାଗର, ଦକ୍ଷିଣ ବଙ୍ଗୋପସାଗର ଏବଂ ନିକୋବର ଦ୍ୱୀପପୁଞ୍ଜରେ ବର୍ଷା ଏବଂ ପଶ୍ଚିମା ବାୟୁର ପ୍ରଭାବ ମୌସୁମୀର ଅଗ୍ରଗତିକୁ ସହଜ କରିଛି । ପାଣିପାଗ ବିଭାଗ ଜଣାଇଛି ଯେ, ନିକୋବର ଦ୍ୱୀପପୁଞ୍ଜରେ ଗତ ୨୪ ଘଣ୍ଟା ମଧ୍ୟରେ ବିସ୍ତୃତ ବର୍ଷା ସହ କିଛି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି । ଏହି ଅଞ୍ଚଳରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ଜାରି ରହିବ ବୋଲି ଆକଳନ କରାଯାଇଛି । ଏହା ମୌସୁମୀର ଆଗମନ ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି । ମୌସୁମୀର ଏହି ଆରମ୍ଭ ଭାରତୀୟ ଉପମହାଦେଶରେ ଋତୁର ଅଗ୍ରଗତିର ଏକ ଗୁରୁତ୍ୱପୂର୍ଣ୍ଣ ସଂକେତ । ଆଣ୍ଡାମାନରେ ମୌସୁମୀର ଆଗମନ ସାଧାରଣତଃ କେରଳ ଆଡ଼କୁ ତା'ର ଯାତ୍ରାର ପଥ ପ୍ରଶସ୍ତ କରେ, ଯାହା ସାଧାରଣତଃ ମେ ଶେଷ ବା ଜୁନ ପ୍ରଥମ ସପ୍ତାହରେ ଘଟିଥାଏ । ଆଇଏମଡି ଅନୁମାନ କରୁଛି ଯେ, ମୌସୁମୀ ମେ ୨୫ ସୁଦ୍ଧା କେରଳ ଉପକୂଳରେ ପହଞ୍ଚିପାରେ, ଯାହା ନିର୍ଦ୍ଧାରିତ ସମୟ ଜୁନ ୧ ତୁଳନାରେ ଆଗୁଆ ହେବ ।

# ୧୧ ମାସ ହେବ କେବଳ ରଙ୍ଗ ଓ ନାଁ ବଦଳାରେ ମାତିଛନ୍ତି ରାଜ୍ୟ ସରକାର, ବିକାଶରେ ଲାଗିଛି ବ୍ରେକ

ଭୁବନେଶ୍ୱର, ୧୩।୫(ପି.ଏନ): ବିଜେପି ଯାହା କହେ ତାହା କରେ ନାହିଁ । କେବଳ ନିର୍ବାଚନ ଜିତିବା ପାଇଁ ଦେଇଥିଲା ମାଳ ମାଳ ନିର୍ବାଚନୀ ପ୍ରତିଶ୍ରୁତି । କିନ୍ତୁ କ୍ଷମତାକୁ ଆସିବା ପରେ ବିଜେପି ସରକାର ରଙ୍ଗ ଓ ନାଁ ପରିବର୍ତ୍ତନରେ ସୀମିତ ରହିଛନ୍ତି । ଚାଷୀଙ୍କ ଠାରୁ ଯୁବକ, ମହିଳା ଯାଏଁ ସମସ୍ତଙ୍କୁ ପ୍ରତାରଣା କରିଛନ୍ତି । କେବଳ ମିଥ୍ୟା ପ୍ରଚାର କରି ଓଡିଶାବାସୀଙ୍କୁ ଦଳ ଭଣ୍ଡେଇଛି ବୋଲି ଦୁଇ ବିରୋଧୀ ବିଜେଡି ଓ କଂଗ୍ରେସ ଅଭିଯୋଗ କରିଛନ୍ତି ।ଓଡିଶା ବିକାଶରେ ଲାଗିଛି ବ୍ରେକ । ୧୧ ମାସ ହେବ ରାଜ୍ୟର ବିକାଶ ପୂରା ଧୀମେଇ ଯାଇଛି । ରଙ୍ଗ ଓ ନାଁ ପରିବର୍ତ୍ତନ ହେଉଛି । ହେଲେ ରାଜ୍ୟର ବିକାଶ ସ୍ଥିତିରେ କୌଣସି ପରିବର୍ତ୍ତନ ହେଉନାହିଁ । ୨୦୨୪ ନିର୍ବାଚନରେ ବିଜେପି ଯେଉଁସବୁ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଥିଲା ତାହା ବି ପୂରଣ କରିନାହିଁ । କେବଳ ମିଥ୍ୟା ପ୍ରଚାର, ପ୍ରସାର ଓ ସଭାସମିତିରେ ମାତିଛନ୍ତି ରାଜ୍ୟ ସରକାର । ଧାନରେ କଟନୀ ଛଟନୀ କରି ଚାଷୀଙ୍କୁ ହଇରାଣ କଲେ । ଏବେ ଚାଷୀଙ୍କୁ ସେହି ଟଙ୍କାରୁ କିଛି ଦେଇ ବାହାଦୁରୀ ନେବାକୁ ଚାହୁଁଛନ୍ତି ବୋଲି ପିସିସି ସଭାପତି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି । କେତେ ଜମିକୁ ଜଳସେଚନ କଲ, କେତେ ଚାଷୀଙ୍କ ଆୟ ଡବଲ କଲ, କେତେଟି ଶୀତଳ ଭଣ୍ଡାର କରିଛ ? କେତେ ଚାଷୀଙ୍କୁ ମାଗଣାରେ ବିଜୁଳି ଦେଲ ବୋଲି ପ୍ରଶ୍ନ କରିଛନ୍ତି ପିସିସି ସଭାପତି ।ସେହିପରି ସୁଭଦ୍ରା ଯୋଜନାରେ ମହିଳାଙ୍କୁ ଭଣ୍ଡାଇ ଦିନକୁ ମାତ୍ର ୨୭ ଟଙ୍କା ଦେଇ ପ୍ରତାରଣା କରିଛନ୍ତି । ଟ୍ରିପଲ ଇଞ୍ଜିନ ସରକାରରେ ମହାନଦୀ ସମସ୍ୟା ଦୂର ହେବା ଦିବାସ୍ୱପ୍ନ ପାଲଟିଛି ବୋଲି କଂଗ୍ରେସ କହିଛି । ଅନ୍ୟପଟେ ବିଜେପି ଏହାର ଜବାବରେ କହିଛି ବିରୋଧୀ ଯାହା କହିଲେ ବି ଚାଷୀ ଖୁସି ଅଛନ୍ତି ।ସେପଟେ ବିଜେଡି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ କହିଛନ୍ତି, ୧୧ ମାସ ହେବ ରାଜ୍ୟରେ କ'ଣ ବିକାଶ ହୋଇଛି ତାହା କେହି ବି ଅନୁଭବ କରୁନାହାନ୍ତି । ବିକାଶ କାମ କେଉଁଠି ହେଉଛି ତାହା ଖୋଜିଲେ ବି ମିଳୁନାହିଁ । ନବୀନ ପଟ୍ଟନାୟକଙ୍କ ସମୟରେ ଯେଉଁ କିଛି ବିକାଶ ଆରମ୍ଭ ହୋଇଥିଲା ତାହା ବି ସଂପୂର୍ଣ୍ଣ ହୋଇପାରୁନାହିଁ । ରାସ୍ତାଘାଟ ଠାରୁ ଭିତ୍ତିଭୂମି, ସ୍କୁଲ ଓ କଲେଜକୁ ନୂଆ ରୂପ ଦେଇଥିଲେ ନବୀନ । ହେଲେ ବିଜେପି ସରକାର ସମୟରେ ଗ୍ରାଉଣ୍ଡ ଜିରୋରେ କିଛି କାମ ହେଉନାହିଁ ।୨୦୩୬ରେ ଓଡ଼ିଶାସବାସୀଙ୍କୁ ଏକ ବିକଶିତ ଓଡିଶା ଟେକି ଦେବାକୁ ସ୍ୱପ୍ନ ଦେଖାଉଥିବା ବେଳେ ୧୧ ମାସର ଡବଲ ଇଞ୍ଜିନ ସରକାର ଗତି କୁଆଡେ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି ।



## ଆଇଏଏସ୍ ସନ୍ତୋଷ ଷଡ଼ଙ୍ଗୀଙ୍କୁ ମିଳିଲା ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର, ୧୩।୫(ପି.ଏନ): ଓଡ଼ିଶା କ୍ୟାଡରର ୧୯୯୪ ବ୍ୟାଚ୍‌ର ବରିଷ୍ଠ IAS ଅଧିକାରୀ ସନ୍ତୋଷ କୁମାର ଷଡ଼ଙ୍ଗୀଙ୍କୁ ନୂଆ ଓ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଛି । ସେ ବର୍ତ୍ତମାନ ନୂଆ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ (MNRE)ର ସଚିବ ଭାବେ କାର୍ଯ୍ୟ କରୁଛନ୍ତି । ଏହାସହ ତାଙ୍କୁ ସୌରଶକ୍ତି ନିଗମର ଅଧ୍ୟକ୍ଷ ଓ ଏସଡି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଏହି ନିଯୁକ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (DoPT) ଏକ ଆଦେଶ ଜାରି କରିଛନ୍ତି ।

# ଶୀଘ୍ର ନୂଆ ଟିମ୍ ଗଠନ କରିବେ ଭକ୍ତ, କଂଗ୍ରେସ ଶିବିର ଚଳଚଞ୍ଚଳ

ଭୁବନେଶ୍ୱର, ୧୩।୫(ପି.ଏନ): ଖୁବଶୀଘ୍ର ନୂଆଟିମ ଗଠନ କରିବେ ପିସିସି ସଭାପତି ଭକ୍ତ ଦାସ । ଯାହାକୁ ନେଇ କଂଗ୍ରେସ ଶିବିର ଚଳଚଞ୍ଚଳ ହୋଇ ଉଠିଛି । ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଭକ୍ତଙ୍କ ନୂଆ ଟିମରେ କାହାକୁ ମିଳିବ ପ୍ରାଧାନ୍ୟ । ଦାୟିତ୍ୱ ନେବାର ୩ ମାସ ପରେ ପୂର୍ଣ୍ଣାଙ୍ଗ ପିସିସି ଗଠନ କରିବାକୁ ଅଣ୍ଟା ଭିଡିଛନ୍ତି ଭକ୍ତ । ଲବି ନୁହେଁ, ପରଫର୍ମାନ୍ସ ଆଧାରରେ ନେତାଙ୍କୁ ସାଂଗଠନିକ ଦାୟିତ୍ୱ ଦେବାକୁ ତାଲିକା ପ୍ରସ୍ତୁତ ହେଉଛି । ଭକ୍ତଙ୍କ ନୂଆ ଟିମକୁ ନେଇ ବରିଷ୍ଠ ନେତାମାନେ ମଧ୍ୟ ନିଜର ମତାମତ ରଖିଛନ୍ତି ।ଫେବ୍ରୁଆରୀ ୧୧ ତାରିଖରେ ଓଡିଶା କଂଗ୍ରେସର ମଙ୍ଗ ଧରିଲେ ଭକ୍ତ ଦାସ । ଦାୟିତ୍ୱ ନେବାର ୩ ମାସ ପରେ ପିସିସିର ପୂର୍ଣ୍ଣାଙ୍ଗ ଟିମ ଗଠନ କରିବାକୁ ଅଣ୍ଟା ଭିଡିଛନ୍ତି । ୫ ଦିନ ଭିତରେ କରାଯିବ ପିସିସିର ନୂଆ ଟିମ । ଭକ୍ତଙ୍କ ନୂଆ ଟିମରେ କାହାକୁ ଉପ ସଭାପତି, କାହାକୁ ସାଧାରଣ ସମ୍ପାଦକ, ସମ୍ପାଦକ ଓ କିଏ ରାଜ୍ୟ କାର୍ଯ୍ୟକାରିଣୀରେ ସ୍ଥାନ ପାଇବେ, ତାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା । ଟିମ୍ ଗଠନ ପୂର୍ବରୁ ପିସିସି ସଭାପତି ସିଧାସିଧା ଦଳୀୟ ନେତାଙ୍କୁ ଶୁଣାଇଛନ୍ତି ଚରମବାଣୀ । ପିସିସି ଟିମରେ ଏଣିକି ଲବି ନୁହେଁ, ପରଫର୍ମାନ୍ସ ଆଧାରରେ ଯୁବ, ବରିଷ୍ଠ ଓ ଅଭିଜ୍ଞ ନେତାଙ୍କୁ ସଙ୍ଗଠନ ପଦ ପଦବୀ ମିଳିବ । ଏହାସହ ୫୦୦ରୁ ଅଧିକ ଉତ୍ସର୍ଗୀକୃତ କଂଗ୍ରେସ ନେତାଙ୍କୁ ଗୁରୁଦାୟିତ୍ୱ ଦେବାକୁ ରଣନୀତି କରିଛନ୍ତି ପିସିସି ସଭାପତି । ଏହି ୫୦୦ ସଦସ୍ୟ କୌଣସି ପଦ ପଦବୀରେ ନରହି ଦଳର ସଂଗଠନକୁ ମଜବୁତ କରିବାକୁ କାମ କରିବେ । ଲଢେଇ ମନୋଭାବ ଥିବା ଯୁବନେତାଙ୍କୁ ସାଂଗଠନିକ ଦାୟିତ୍ୱରେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ପିସିସି ସଭାପତି ।ପିସିସି ସଭାପତି ନିଜର ଟିମ୍ ଗଠନ କରିବାକୁ ଘୋଷଣା କରିବା ପରେ, ଦଳର ବରିଷ୍ଠ ନେତାମାନେ ନୂଆଟିମକୁ ନେଇ ନିଜର ମତ ରଖିଛନ୍ତି । ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ କହିବା କଥା, ପିସିସି ଟିମ ପାଇଁ ସଭାପତି ବରିଷ୍ଠ ନେତାଙ୍କ ମତାମତ ନେଇଛନ୍ତି । କଂଗ୍ରେସ ସଂଗଠନ ପାଇଁ ସମୟ ଦେଇ ପାରୁଥିବା ନେତାଙ୍କୁ ପଦ ପଦବୀ ଦାୟିତ୍ୱ ଦିଆଯିବ । ସେହିପରି ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା କହିଛନ୍ତି, ସଂଗଠନକୁ ମଜବୁତ କରିବା ଉପରେ ଦଳ ଫୋକସ ଦେଇଛି । ତେବେ ଟିମରେ କିଏ ରହିବ, କିଏ ନ ରହିବ ତାହା ଦଳର ନେତୃବୃନ୍ଦ ବିଚାର କରିବେ ।ଭକ୍ତଙ୍କ ନୂଆ ଟିମରେ ଯୁବ ନେତୃତ୍ୱକୁ ଗୁରୁତ୍ୱ ଦିଆଯିବ ନା ଚିରାଚରିତ ଭାବେ ଜୁମ୍ବୋ ଟିମ ଗଠନ କରାଯିବ, ତାହାକୁ ଅପେକ୍ଷା କରି ରହିଛି ଓଡିଶା କଂଗ୍ରେସ । ନୂଆ ଟିମ ଗଠନ ପରେ ରାଜ୍ୟରେ ତୃତୀୟ ସ୍ଥାନରେ ଥିବା କଂଗ୍ରେସ ସଂଗଠନ କେତେ ଆଗକୁ ଯାଉଛି ତାହା ଦେଖିବାକୁ ବାକି ରହିଲା ।



# ବର୍ଡରରେ ଲଢୁଥିଲେ ଯବାନ ; ଚିକିତ୍ସା ଅବହେଳାରୁ ମରିଗଲେ ସ୍ତ୍ରୀ

ଭୁବନେଶ୍ୱର, ୧୩।୫(ପି.ଏନ): ଚିକିତ୍ସା ଅବହେଳାରୁ ଆଖି ବୁଜିଲେ ଯବାନଙ୍କ ପତ୍ନୀ । ଏଭଳି ଅଭାବନୀୟ ଘଟଣା ଘଟିଛି ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ଟେଙ୍ଗନାମାଲ ଗାଁରେ । ସ୍ୱାମୀ ଦେଶକୁ ସୁରକ୍ଷା ଦେଉଥିବା ବେଳେ ସ୍ତ୍ରୀ ଚିକିତ୍ସା ଅବହେଳାରୁ ମୃତ୍ୟୁବରଣ କଲେ । କନ୍ୟା ସନ୍ତାନକୁ ଜନ୍ମ ଦେଇ ଚାଲିଯାଇଛନ୍ତି ସ୍ତ୍ରୀ । ବର୍ଡର ଜଗିଥିବା ଯବାନ ସ୍ତ୍ରୀର ମୃତ୍ୟୁ ଖବର ଶୁଣି ଦୁଃଖରେ ଭାଙ୍ଗିପଡିଛନ୍ତି । ସ୍ତ୍ରୀଙ୍କୁ ସଠିକ ଭାବରେ ଚିକିତ୍ସା ମିଳିନଥିବାରୁ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି ହତଭାଗା ଯବାନ । ବୁର୍ଲା ଭିମସାରରେ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି । ଭାରତ ପାକିସ୍ତାନ ଉତ୍ତ ?ଜନା ପାଇଁ ୧୫ ଦିନ ଧରି ଅଚେତ୍ ଥିବା ପ୍ରସୂତି ପତ୍ନୀ ଓ ନବଜାତକ ଶିଶୁ କନ୍ୟାକୁ ଛାଡି ବର୍ଡର ଯାଇଥିଲେ ଯବାନ ଦେବରାଜ ଗଣ୍ଡ । ଦେବରାଜ ସଶସ୍ତ୍ର ସୀମା ବଳରେ କାର୍ଯ୍ୟରତ ଥିବାବେଳେ ପତ୍ନୀ ଲିପି ଗଣ୍ଡ ୨୮ ତାରିଖରେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ । ତେବେ ସେହି ସମୟରେ ଦେବରାଜ ସାଙ୍ଗରେ ଥିଲେ । ପତ୍ନୀଙ୍କ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ଆଇସିୟୁରେ ୨୯ ତାରିଖରୁ ଅଚେତ ଅବସ୍ଥାରେ ଥିଲେ ଲିପି । କିନ୍ତୁ ମଲ୍ଟି ଅର୍ଗାନ ଫେଲ୍ୟୁଅର ହେବା ପରେ ଯବାନଙ୍କ ପତ୍ନୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ତେବେ ଆବଶ୍ୟକ ସମୟରେ ତାଙ୍କର ସଠିକ୍ ଚିକିତ୍ସା କରାଯାଇ ନଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ।





# ପିଇବା ପାଣି ପାଇଁ ରାଜ୍ୟବାସୀ ହେଉଛନ୍ତି ଝଟପଟ, ରଙ୍ଗ ବଦଳା ସରକାରଙ୍କ ନିଘା ନାହିଁ

ଭୁବନେଶ୍ୱର, ୧୩।୫(ପି.ଏନ): ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ପ୍ରଭାବ । ପାଣି ମୁନ୍ଦିଏ ଲାଗି ସବୁଠି ଛଟପଟ ହେଉଛନ୍ତି ଜନତା । ଗାଁ ଗଣ୍ଡାରେ ଜଳ ସମସ୍ୟା ଉତ୍କଟ । ଭୂତଳ ଜଳସ୍ତର କମିଯିବାରୁ ନଳକୂପ ଅଚଳ, ଶୁଖି ଗଲାଣି କୂଅ, ପୋଖରୀ । ଲୋକଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିବାରେ ବି ବିଫଳ ସରକାର । ବିଭାଗୀୟ ମନ୍ତ୍ରୀ ହାତ ଟେକି ଦେଇଛନ୍ତି । ମନ୍ତ୍ରୀ ସ୍ୱୀକାର କରିଛନ୍ତି ପାନୀୟ ଜଳ ସମସ୍ୟା ଗମ୍ଭୀର । ମାସକ ମଧ୍ୟରେ ସବୁ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବା ସରକାର କେବଳ ରଙ୍ଗ ବଦଳାଉଛନ୍ତି, ହେଲେ ଲୋକଙ୍କୁ ପିଇବା ପାଣି ଯୋଗାଇ ପାରୁନାହାନ୍ତି କହି ଟାର୍ଗେଟ କରିଛି ବିଜେଡି ।ତାତି ବଢ଼ିବା ସହ ପିଇବା ପାଣିର ଅଭାବ ଯୋଗୁଁ ଛଟପଟ ହେଉଛନ୍ତି ଲୋକେ । ନବରଙ୍ଗପୁରରୁ ସୁବର୍ଣ୍ଣପୁର, ସବୁଠି ଜଳ ସମସ୍ୟା ଉତ୍କଟ । ଗାଁ ଗଣ୍ଡାରେ ନଳକୂପ ଅଚଳ । ସବୁଠୁ ଶୁଖିଲା କୂଅ ଓ ପୋଖରୀ । ଯେଉଁଠି ବୋରିଂ ପଏଣ୍ଟ ଅଛି, ସେଠାରୁ ପାଣି ବୋହିବା କାଠିକର ପାଠ । କେଉଁଠି ଅଟୋରେ ଲୋକେ ପାଣି ବୋହୁଛନ୍ତି ତ କେଉଁଠି ନଳକୂପ ପାଖରେ ଲମ୍ବା ଲାଇନ ଲାଇନ ଲାଗିଥିଲେ ବି ପାଣି ମିଳୁନି । ଅସହ୍ୟ ତାତି ସାଙ୍ଗକୁ ବଳି ଯାଉଛି ପାଣି ଯନ୍ତ୍ରଣା । ସହରାଞ୍ଚଳରେ ଅମୃତ ଧାରାରୁ ବି ବାହାରୁନାହିଁ ପାଣି । ପିଇବା ପାଣି ଯୋଗାଇବା ପାଇଁ ସରକାରଙ୍କୁ ଗୁହାରି କରିଛନ୍ତି ସାଧାରଣ ଜନତା ।ପାଣି ପାଇଁ ଲୋକେ ଡହଳ ବିକଳ ହେଉଥିବା ବେଳେ ସରକାର ସମ୍ପୂର୍ଣ୍ଣ ହାତ ଟେକି ଦେଇଛନ୍ତି । ନିଜର ଅସହାୟତା ପ୍ରକାଶ କରିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ । ସ୍ୱୀକାର କରିଛନ୍ତି ଜଳ ସମସ୍ୟା ଉତ୍କଟ । କମ୍ ବର୍ଷା ସାଙ୍ଗକୁ ଅଧିକ ଚାଷକୁ ଜଳ ସମସ୍ୟା ପାଇଁ ଦାୟୀ କରିଛନ୍ତି ମନ୍ତ୍ରୀ । ଯନ୍ତ୍ରାଂଶର ଅଭାବ ଯୋଗୁଁ ଟ୍ୟୁବୱେଲ ମଧ୍ୟ ଖୋଲା ଯାଇପାରୁନାହିଁ । ଜଳାଭାବ ଜାଗାରେ ବିକଳ୍ପ ବ୍ୟବସ୍ଥା କରିବାକୁ ବିଭାଗ ନିର୍ଦ୍ଦେଶ ଦେଇଥିବା ବେଳେ ଗ୍ରାଉଣ୍ଡ ଜିରୋରେ ଏହାର ପ୍ରତିଫଳନ ଦେଖାଯାଉନାହିଁ । ସରକାରଙ୍କ ଏପରି ବେପରୁଆ ମନୋଭାବକୁ ବିଜେଡି ସମାଲୋଚନା କରିଥିବା ବେଳେ ବିଭାଗୀୟ ମନ୍ତ୍ରୀ କହିଛନ୍ତି ସ୍ଥିତି ଉପରେ ନଜର ରଖିଛୁ ।ପଶ୍ଚିମ ଓଡିଶାରେ ପାରଦ ୪୫ ଛୁଇଁଲାଣି । ଅସହ୍ୟ ଗରମ ବେଳେ ପାଣି ବୁନ୍ଦିଏ ବି ନମିଳିବା ଲୋକଙ୍କ ପାଇଁ ଅସହ୍ୟ ହୋଇଛି । ପିଇବା ପାଣି ଯୋଗାଇବା ଦାୟିତ୍ୱ ନେଇଥିବା ସରକାର ଯଦି ହାତ ଟେକିଦିଅନ୍ତି, ଲୋକେ କାହାକୁ ଗୁହାରୀ କରିବେ ? ଯୁଦ୍ଧକାଳୀନ ଭିତ୍ତିରେ ସବୁଠି ବିଶୁଦ୍ଧ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେବାକୁ ଦାବି ହେଉଛି ।



## ପାକିସ୍ତାନକୁ ମୋଦିଙ୍କ ନାଲି ଆଖି

ଭୁବନେଶ୍ୱର, ୧୩।୫(ପି.ଏନ): ଭାରତ ଉପଯୁକ୍ତ ଜବାବ ଦେଇ କେବଳ ଆତଙ୍କବାଦୀଙ୍କୁ ନୁହେଁ, ବରଂ ସେମାନଙ୍କୁ ସମର୍ଥନ ଓ ସହାୟତା କରୁଥିବା ପାକିସ୍ତାନ ଆର୍ମିକୁ ମଧ୍ୟ ନିଜର ଶକ୍ତି ପରିଚୟ ଦେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି କହିଛନ୍ତି । ପଞ୍ଜାବର ଆଦମପୁର ଏୟାରବେସରେ ବାୟୁ ବୀରଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, "ଯେଉଁ ପାକିସ୍ତାନୀ ସେନାର ଭରସାରେ ଆତଙ୍କବାଦୀ ଗଦଗଦ ହୋଇଯାଉଥିଲେ ସେହି ପାକିସ୍ତାନ ସେନାକୁ ବି ଭାରତୀୟ ସେନା, ଭାରତର ଏୟାର ଫୋର୍ସ ଓ ଭାରତୀୟମାନେ ଧୂଳି ଚଟାଇ ଦେଇଛନ୍ତି ।"ସେ ସଶସ୍ତ୍ର ବାହିନୀକୁ ପ୍ରଶଂସା କରି କହିଛନ୍ତି ଯେ ସେମାନେ ପାକିସ୍ତାନୀ ସେନାକୁ ଦେଖାଇଛନ୍ତି ଯେ ପାକିସ୍ତାନର ଏମିତି କୌଣସି ସ୍ଥାନ ନାହିଁ, ଯେଉଁଠି ଆତଙ୍କବାଦୀମାନେ ସୁରକ୍ଷିତ ଭାବେ ରହିପାରିବେ ଓ ଶାନ୍ତିରେ ନିଃଶ୍ୱାସ ନେଇପାରିବେ । ଭାରତର ସୀମା ପାର ଆତଙ୍କବାଦ ବିରୋଧରେ ଆକ୍ରମଣାତ୍ମକ ନୀତି ସମ୍ପର୍କରେ ମତ ରଖି ମୋଦି କହିଛନ୍ତି, "ଘରେ ପଶି ମାରିବୁ, ବର୍ତ୍ତିବାକୁ କୌଣସି ସୁଯୋଗ ଦେବୁନି ।" ଏସ-୪୦୦ ଓ ମିରାଜ ଯୁଦ୍ଧ ବିମାନ ନିଜ ବ୍ୟାକଗ୍ରାଉଣ୍ଡରେ ଥିବା ବେଳର ଫଟୋ ମଧ୍ୟ ଏହାପୂର୍ବରୁ ମୋଦି ଶେୟାର କରିଥିଲେ । ପାକିସ୍ତାନ ଆଦମପୁର ଏୟାର ବେସ୍?ରେ ଆଟାକ କରି ଏସ ୪୦୦କୁ ନଷ୍ଟ କରିଦେଇଥିବା ଦାବି କରିଥିଲା ।






# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ । ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ । ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି । କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ । ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ । ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ । ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ । ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି । ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି । ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ । ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି । ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି । ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି ।

## ୧୦୬୮ ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର । ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍ । କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ । ସୁନାରେ ପ୍ରସ୍ତୁତ ଚକୋଲେଟ୍ । ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି । ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି । ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି । ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି ।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ । ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ । ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ । ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ । ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ । ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି । ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି । ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ । ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି । ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି । ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି । କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ । କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି । ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି । ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି ।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି । ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ



ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି । ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି । ମାମଲାଟି ୨୦୧୨ ମସିହାର । ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା । ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ । ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ । ଏପରିକି ଗୋଟିଏ ଦିନ ସେ ଦେଢ଼କୋଟି ଟଙ୍କାର କିଣାବିକା କରିଥିଲେ । ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ । ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି । ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା । ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ । ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି ।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି । ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି । ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା । ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି । ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି । ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି ।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାର୍ ସାବ୍ୟସ୍ତ ହୋଇପାରେ । ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ । ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି । ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସର ଅଣୁ ମିଶାଯାଇଥାଏ । ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ । ଯାହା ସାଧାରଣତଃ ହାନିକାରକ ନୁହେଁ । କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ । ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ଆଗ୍ରିଆ ମହୋତ୍ସବ-୨୦୨୫ ଉଦଯାପିତ

ବେତନଟୀ (ପି.ଏନ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଆଗ୍ରିଆ ସ୍ଥିତ ବୀଣାପାଣୀ ଯୁବକ ସଂଘ ର ୨୨ ବର୍ଷ ପୂର୍ତ୍ତି ଉପଲକ୍ଷେ ଗତ ରବିବାର ଦିନ ଠାରୁ ଆରମ୍ଭ ହୋଇଥିବା ଆଗ୍ରୀଆ ମହୋତ୍ସବ ବୁଧବାର ଦିନ ରାତିରେ ଉଦଯାପିତ ହୋଇଯାଇଛି ।ଚାରିଦିନ ଧରି ଚାଲିଥିବା ବେଳେ ବୁଧବାର ଦିନ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବ ରେ କାର୍ଯ୍ୟକ୍ରମ ରେ କୁନି କୁନି କଳାକାର ଠାରୁ ଆରମ୍ଭ କରି ଯୁ କଳାକାର ସହିତ ସଂଗୀତ ଓ ନୃତ୍ୟ, ତର୍କ, ସାଧାରଣ ଜ୍ଞାନ , ଗଳ୍ପ କାର୍ଯ୍ୟକ୍ରମ ରେ ବହୁ କୃତି ପ୍ରତିଯୋଗୀ ଓ ବିଶିଷ୍ଟ ସମାଜସେବୀ, ସାମ୍ବାଦିକ ମାନଙ୍କୁ ବୀଣାପାଣି ଯୁବକ ସଂଘ ତରଫରୁ ପୁରସ୍କୃତ ଓ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ପୁରସ୍କାର ବିବରଣୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ଲୋକପ୍ରିୟ ବିଧାୟକ ସନାତନ ବିଜୁଳି,ସ୍ୱତନ୍ତ୍ର ଅତିଥି ଭାବରେ ଆଗ୍ରୀଆ ସରପଞ୍ଚ ମିନତି ସିଂ,ମୁଖ୍ୟ ବକ୍ତା ଭାବରେ ଅଧ୍ୟାପକ ମନୋରଞ୍ଜନ ପରିଡା, କ୍ଲବ ର



ସଭାପତି ଶିବନାରାୟଣ ଘୋଷ, ସମ୍ପାଦକ ଜୀବନ କୁମାର ପରିଡା ପ୍ରମୁଖ ମଞ୍ଚାସିନ ରହି କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଯୁବ ସାମ୍ବାଦିକ ସତ୍ୟପ୍ରକାଶ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଚାରିଦିନିଆ ମହୋତ୍ସବ ରେ ଶେଷ ରାତିରେ କଟକ ର ଏଟ୍ରାସ୍କନ ଲାଇଭ ମେଲୋଡି ଗୃପ ଦ୍ୱାରା ସଂଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମ କୁ ବୀଣାପାଣି ଯୁବକ ସଂଘର ପ୍ରମୋଦ ନାୟକ,ଜିତେନ୍ଦ୍ର ପରିଡ଼ା, ବ୍ରହ୍ମାନନ୍ଦ ପରିଡ଼ା, ରଞ୍ଜନ ପରିଡ଼ା, ଚନ୍ଦନ ଦାସ, ଚନ୍ଦନ ସେଠୀ,ରଞ୍ଜିତ ବାରିକ୍, ଶ୍ରୀଧର ଦେହୁରୀ, ତପସ୍ୱୀ ରାଉତ, ପ୍ରଦୀପ ଦାସ, ସୁମନ୍ତ ପରିଡ଼ା,ବିରୋକିଶୋର ବିଶ୍ୱାଳ, ବିକାଶ ଦାସ, ଦିଲ୍ଲିପ ମହାନ୍ତି,ଚନ୍ଦ୍ରଶେଖର ବେରା, ରାକେଶ ମହାନ୍ତ,କେଶବ ନାଥ, ଶୁଶାନ୍ତ ପରିଡ଼ା,ହରିଶ ପ୍ରଧାନ, ଯଶୋବନ୍ତ ମହାନ୍ତି, ଶୁଶାନ୍ତ ଭାଇ, ପ୍ରକାଶ ଜ୍ୟୋତି ପ୍ରଧାନ, ଶୁଶାନ୍ତ ବାରିକ୍, ବିଶ୍ୱଜିତ ପରିଡା, ସୁଜିତ ଜେନା, ପିତବାସ ଦେହୁରୀ, ଇନ୍ଦ୍ରଜିତ ଓଝା,ବିକ୍ରମ ନାଥ, ସରୋଜ ଦେହୁରୀ,ତରଣୀ ପଣ୍ଡିତ, ହିମାଂଶୁ ପଣ୍ଡିତ, ନରୋତ୍ତମ ମହାନ୍ତ, ସୁଜିତ୍ ଜେନା,ବିଜୟ ଜେନା, ଶୁଭମ୍ ନାୟକ, ନରେନ୍ଦ୍ର ପରିଡ଼ା,ମନୋରଞ୍ଜନ ରାଉତ, ପ୍ରଦୀପ ଜେନା,ଜିତେଶ ନାୟକ,ଧିରୋଜ ସାହାଣୀ, ଅଜିତ ବେହେରା, ଭବାନୀ ଶଙ୍କର ପରିଡା,ସତ୍ୟପ୍ରିୟ ପ୍ରଧାନ,ରବିନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଯୁବ ସଂଗଠକ ଚନ୍ଦ୍ର ଶେଖର ବେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୀର୍ଘ ୪୦ ବର୍ଷ ପରେ ମନ୍ଦିର ନାମରେ ରେକର୍ଡ ଭୁକ୍ତ ହେଲା ଜମି

ବେତନଟୀ(ପି.ଏନ) : :ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ଚାକୁଣ୍ଡାପଦା ଠାରେ ଥ?ିବା ଶିବମନ୍ଦିର ନିମନ୍ତେ ୧୯୮୪ ମସିହାରେ ହୋଇଥିବା ଜମି କିଣାବିକାର ୪୦ବର୍ଷ ପରେ ମନ୍ଦିର ନାମରେ ରେକର୍ଡଭୁକ୍ତ ହେଲା ଜମିପଟ୍ଟା । ଆଉ ମନ୍ଦିର ନାମରେ ଜମିପଟ୍ଟା ରେକର୍ଡପରେ ବୁଧବାର ନୂତନ କାର୍ଯ୍ୟକର୍ତ୍ତା ଚୟନ ପୂର୍ବକ ମନ୍ଦିର କମିଟି ଗଠନ ସାଙ୍ଗକୁ ଆସନ୍ତା ମହାଶିବରାତ୍ରୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି । ସୂଚନା ମୁତାବକ ଗ୍ରାମର ରାଜକିଶୋର ମହାନ୍ତ ୧୯୮୪ ମସିହାରେ ଗ୍ରାମର ବାବାଝଗ୍ରେଶ୍ୱର ବିଜେଙ୍କ ନାମରେ କିଛି ଜମି ଦାନସୂତ୍ରରେ ପ୍ରଦାନ କରିଥିଲେ । ମନ୍ଦିରକୁ ଦାନସୂତ୍ରରେ ଜମି ଦେବା ନେଇ ଆବଶ୍ୟକ ସରକାରୀ ଷ୍ଟାମ୍ପ ଏବଂ ଅର୍ଥ ପୈଠ କରି କିଣାବିକା ହୋଇଥିଲେ ସୁଦ୍ଧା ତାହା ମନ୍ଦିର ନାମରେ ରେକର୍ଡଭୁକ୍ତ ହୋଇ ପାରିନଥିଲା। ଶେଷରେ ଉକ୍ତ ଜମି କିଣାବିକାର ୪୦ବର୍ଷ ପରେ ମନ୍ଦିରକୁ ଦାନ ଦେଇଥିବା ରାଜକିଶୋରଙ୍କ



ଦାୟାଦଙ୍କ ସମେତ ଗ୍ରାମବାସୀଙ୍କ ଉଦ୍ୟମରେ ଦାଖଲ ଖାରଜ କେସନଂ ୯୨/ ୨୦୨୪ ମୁତାବକ ପ୍ଲଟ ନମ୍ବର ୮୪ରୁ ୪୫ ଡେସିମିଲ ଜମି ବାବାଝଗ୍ରେଶ୍ୱର ବିଜେଙ୍କ ନାମରେ ରେକର୍ଡଭୁକ୍ତ ହେବା ସହିତ ଜମିପଟ୍ଟା ମୋରଡା ତହସିଲ ପକ୍ଷରୁ ପ୍ରଦାନ କରାଯାଇଛି ।ଏହାପରେ ବୁଧବାର ମନ୍ଦିର କମିଟି ଗଠନ ପୂର୍ବକ ସଭାପତି ଭାବେ ଶରତଚନ୍ଦ୍ର ମହାନ୍ତ, ଉପସଭାପତି ଭାବେ ସାଉନା ସୋରେନ, ସମ୍ପାଦକ ଭାବେ କାହ୍ନୁ ବାରିକ, ସହସମ୍ପାଦକ ଭାବେ କୁନୁ ମହାନ୍ତ, କୋଷାଧ୍ୟକ୍ଷ ଭାବେ ଜୟନ୍ତ ହାଁସଦାଙ୍କ ସମେତ ୯ଜଣ ସଦସ୍ୟ ଓ ଉପଦେଷ୍ଟା ପ୍ରମୁଖ ରହିଛନ୍ତି । ଆସନ୍ତା ମହାଶିବରାତ୍ର1 ପାଇଁ ଏକ ଜରୁରୀକାଳୀନ ପ୍ରସ୍ତୁତିବୈଠକ ସାଙ୍ଗକୁ ମନ୍ଦିରର ସର୍ବାଙ୍ଗୀନ ଉନ୍ନତିକହେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ଥିଲା ।

## ଚୋରା ଦେଶୀମଦ ଜବତ, ଜଣେ ଗିରଫ

ବେତନଟୀ(ପି.ଏନ) :: ଅବକାରୀ ବିଭାଗର ସାଟେଲାଇଟ ଟିମ ପକ୍ଷରୁ ଦାନ୍ତିଆମୁହାଁ-ଚିତ୍ରଡା ରାଜ୍ୟରାଜପଥର ଦୂର୍ଗାପୁର ଛକରେ ଚଢାଉକରି ଚୋରା ଦେଶମଦ ଜବତ କରିବା ସହିତ ଏହି ବେଆଇନ କାରବାରରେ ଜଡିତ ଜଣକୁ ଗିରଫକରି କୋର୍ଟଚାଲାଣ କରିଛି ।ଗିରଫ ଅଭିଯୁକ୍ତ ଜଣକ ହେଉଛି ଚିତ୍ରଡ଼ା ଗ୍ରାମର ସ୍ୱର୍ଗତ ଗଣେଶ୍ୱର ମହାନ୍ତର ପୁଅ ଗିରିଶ୍ୱର ମହାନ୍ତ । ଗିରିଶ୍ୱର ଜାର୍କିନରେ ମଦନେଇ ଯାଉଥ?ିବା ବେଳେ ଅବକାରୀ ବିଭାଗର ସାଟେଲାଇଟ ଟିମ୍ ଦୁର୍ଗାପୁର ଛକରେ ମାଡି ବସିଥିଲେ। ଏମନେଇ ଏକ ମାମଲା ରୁଜୁକରି ଗିରଫ ଅଭିଯୁକ୍ତର ସ୍ୱାସ୍ଥ୍ୟପରୀକ୍ଷା ପୂର୍ବକ ଅପରାହ୍ନରେ ବେତ ନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଛି ।

# ମହାତ୍ମାଗାନ୍ଧିଙ୍କ ମହାପ୍ରୟାଣ ଦିବସରେ କବିତା ପାଠ

ବେତନଟୀ(ପି.ଏନ) : ଜାତିର ପିତା ମହାତ୍ମାଗାନ୍ଧିଙ୍କ ମହାପ୍ରୟାଣ ଦିବସରେ ମୟୂର ସାହିତ୍ୟ ସଂସଦ, ବେତନଟୀର ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । ସର୍ବପ୍ରଥମେ ଗାନ୍ଧିଜୀଙ୍କ ପ୍ରିୟ ଭଜନ ‘ବୈଷ୍ଣବ ଜନତୁ. ‘ସମୂହ ଗାନ କରାଯାଇଥିଲା। ଶିଶୁଶିଳ୍ପୀ ଇଶାନୀ ସିଂହ ଜାତୀୟ ସଂଗୀତ ଗାନ କରିଥିଲେ । ବେତନଟୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡଃ ରମାକାନ୍ତ ସିଂହ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ।ସ୍ଥାନୀୟ ଧର୍ମଶାଳା ପରିସରରେ ଅପରାହ୍ଣ ଘଣ୍ଟା ସମୟରେ ସଂସଦର କାର୍ଯ୍ୟକାରୀ ସଭାପତି ସାହିତ୍ୟିକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତା ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।କବୟତ୍ରୀ ସବିତା ମହାନ୍ତିଙ୍କ ସଂଯୋଜନାରେ ଅନେକ କବି,



କବୟତ୍ରୀ ସ୍ୱରଚିତ କବିତାମାନ ପାଠ କରିଥିଲେ । ଦେଶ ।ତ୍ମବୋଧକ ଓ ବାପୁଜୀଙ୍କ ଜୀବନର ଘଟଣାବଳୀ ଉପରେ ତଥା ଶୀତ ଋତୁକୁ ମେଲାଣି ପୂର୍ବକ ବହୁ କବିତା ଆବୃତ୍ତି କରାଯାଇଥିଲା ।ଏଥିରେ ଅଂଶଗ୍ରହଣକାରୀ କବିମାନେ ହେଲେ, କବି ମୀନକେତନ ମହାନ୍ତି, ସଂସଦର କା: ସଭାପତି ସଚ୍ଚିଦାନନ୍ଦ ମହାନ୍ତି, ସଂପାଦକ ଯତୀନ୍ଦ୍ରନାଥ ସାହୁ, ସଂସଦର ପତ୍ରିକା ବନ ମୟୂରୀ ସଂପାଦକ ନୀରୋଦ ସୁନ୍ଦର ଜେନା, କଳାବିକାଶ କେନ୍ଦ୍ରର ସଭାପତି ବିଜୟ କୁମାର ଦ୍ୱିବେଦୀ, ସଂସଦର ପୂର୍ବତନ ସଭାପତି ବାସୁଦେବ ନାପିତ, କବି ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ,କବୟତ୍ରୀ ସବିତା ମହାନ୍ତି, ସୌଦାମିନୀ ମିଶ୍ର,ସହଦେବ ଗିରି, ପ୍ରମୁଖ। ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ଓତା, ଉପସଭାପତି ଗୌତମ ଚନ୍ଦ୍ର ବେହେରା,ସମାଜସେବୀ ରବିନ୍ଦ୍ର ନାଥମିଶ୍ର, ରବିନ୍ଦ୍ର ନାଥଖଟୁଆ, ପ୍ରକୃତିମିତ୍ର ଶଶିଭୂଷଣ ବେହେରା ଆଦି ସଭାରେ ଉପସ୍ଥିତ ଥିଲେ । ଆଗାମୀ ଅପ୍ରେଲ ୨୦ତାରିଖରେ ସଂସଦର ବାର୍ଷିକ ଉତ୍ସବ ପାଳନ କରାଯିବ ଏବଂ ଏଥିନିମନ୍ତେ ଆଗାମୀ ଫେବୃଆରୀ୨୮ ତାରିଖ ସୁଦ୍ଧା ପତ୍ରିକା ନିମନ୍ତେ ପ୍ରବନ୍ଧ ଓ କବିତା ଆହ୍ୱାନ କରାଯାଇ ଥିଲା ।ଶେଷରେ ଉପ ସଭାପତି ସହଦେବ ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

# କଣ୍ଟାପାଳ ହାଇସ୍କୁଲରେ ଶହୀଦ୍ ଦିବସ ପାଳିତ




ବାରିପଦା :ମୟୁରଭଞ୍ଜ ଜିଲ୍ଲା ଶାମାଖୁଣ୍ଟା ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, କଣ୍ଟାପାଳ ପରିସରରେ ଶହୀଦ୍ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ସ୍ୱାଧୀନତା ସଂଗ୍ରାମରେ ଦେଶପାଇଁ ପ୍ରାଣବଳି ଦେଇଥିବା ବୀର ଶହୀଦ ମାନଙ୍କ ସ୍ମୃତିଚାରଣ କରିବା ସହ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଆମ ଦେଶର ସ୍ୱାଧୀନତା ପ୍ରତିଥିବା ତ୍ୟାଗପୂତ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୁରୀଙ୍କ ସଂଯୋଜନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ମୃତ୍ୟୁଞ୍ଜୟ ପ୍ରଧାନ , ପ୍ରତାପ ଚନ୍ଦ୍ର ଧଡା , ମହେଶ ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶିକ୍ଷୟତ୍ରୀ ଅନିଶା ବେହେରା ରାମଧୂନ ଗାନ କରିଥିବା ବେଳେ ପୁଷ୍ପାଞ୍ଜଳି ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପରିବହନ ବିଭାଗ ପକ୍ଷରୁ ଚାଉଳ ବୋଝେଇ ପିକଅପ ଜବତ




ବେତନଟୀ(ପି.ଏନ) : କ୍ଷମତା ଠାରୁ ଅଧିକ ପରିବହନ ପାଇଁ ମୟୂରଭଞ୍ଜ ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ବେତନଟୀ ପୁଲିସ ଦ୍ୱାରା ଜବତ ଚାଉଳ ବୋଝେଇ ପିକଅପଭ୍ୟାନ ନିକଟରୁ ୨୨ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଜରିମାନା ଆଦାୟ କରାଯାଇଛି ।ସୂଚନା ମୁତାବକ ସଂସା ଠାରେ ବେତନଟୀ ପୁଲିସ ଟିମକୁ ଦେଖି ଲଳିତ କୁମାର ବାରିକ ନାମରେ ପଞ୍ଜୀକୃତ ଓଡି-୧୧ଏଇ- ୬୦୩୪ ନମ୍ବର ବିଶିଷ୍ଟ ଚାଉଳ ବୋଝେଇ ପିକଅପ ଭ୍ୟାନ ଦୃତଗତିରେ ପଳାଇ ଯାଉଥିବାରୁ ସନ୍ଦେହ ହୋଇଥିଲା। ପୁଲିସଟିମ୍ ଅଟକାଇବାକୁ ଚେଷ୍ଟା କରୁଥିଲେ ସୁଦ୍ଧା ପିକଅପଭ୍ୟାନ ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଗାଡିକୁ କାବୁ କରି ଥାନାକୁ ଅଣାଯାଇଥିଲା । ଏହାପରେ ବେତନଟୀ ପୁଲିସ ତଦନ୍ତ ପୂର୍ବକ ପରିବହନ ବିଭାଗକୁ ହସ୍ତାନ୍ତର କରିଥିଲା । ପାଞ୍ଚପରେ କ୍ଷମତା ଇରସ୍ୱଭକ୍ଟସ୍ୱସରୁ ଅଧିକ ଓଜନର ମାଲ ପରିବହନ କରୁଥିବାରୁ ୨୨ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଜରିମାନା ଆଦାୟ କରାଯାଇଛି ।

# ବେତନଟୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

ବେତନଟୀ(ପି.ଏନ) : ବେତନଟୀସ୍ଥିତ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରର ବାର୍ଷିକ ଉତ୍ସବ ଆଜି ପାଳିତ ହୋଇଯାଇଛି। ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ସମ୍ମାନିତ ଅତିଥି ଭାବେ ବେତନଟୀ ବ୍ଲକ ବିଡ଼ିଓ ସୁଶାନ୍ତ କୁମାର ସୁତାର, ବେତନଟୀ ତହସିଲଦାର ଶରତ ଚନ୍ଦ୍ର ରାଉତ, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଗୋପାଳ କୃଷ୍ଣ ସେନାପତି, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ, ଆଲୁମିନି ଉପସଭାପତି ଜୟନ୍ତ ପଟ୍ଟନାୟକ, ବେତନଟୀ ଜିଲ୍ଲାପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ଏସ ଏମ ସି ଉପସଭାପତି ଟୁନି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ବକ୍ତବ୍ୟ ଦେବା



ସହ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ସୁବୋଧ କୁମାର ସାହୁ ମଞ୍ଚ ପରିଚାଳନା କରିବା ସହ ଶିକ୍ଷୟତ୍ରୀ ଇତିଶ୍ରୀ ମନ୍ତ୍ରୀ ବିଦ୍ୟାଳୟର ଗତ ବର୍ଷର ବାର୍ଷିକ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଗତ ବର୍ଷର ମ୍ୟାଟ୍ରିକରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଏହି କାର୍ଯ୍ୟକ୍ରମରେ ପଢୁଥିବା ଛାତ୍ରଛାତ୍ରୀ, ତାଙ୍କ ଅଭିଭାବକ, ସମସ୍ତ ଆଲୁମିନି ଛାତ୍ରଛାତ୍ରୀ, ପୁରାତନ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହିଥିଲେ। ପୁରସ୍କାର ବିତରଣୀରେ ଏନ ସି ସି ଶିକ୍ଷକ ପ୍ରକାଶ କୁମାର ଗିରି ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କର୍ମଚାରୀ ସହଯୋଗ କରିଥିଲେ। ପରିଶେଷରେ ଶିକ୍ଷକ ନିରଜ କୁମାର ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାକାର୍ଯ୍ୟ ସାଙ୍ଗ କରିଥିଲେ।

## ବେଣ୍ଟକାର ନୋଡାଲ ସ୍କୁଲରେ ରେଡକ୍ରସ ପକ୍ଷରୁ ପ୍ରଶିକ୍ଷଣ ଶିବିର ଓ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ

କଟକ : କଟକସଦର ୪୨ମୌଜ଼ା ବେଣ୍ଟକାର ନୋଡାଲ ସ୍କୁଲ ରେ ଜିଲ୍ଲା ଜୁନିଅର ରେଡକ୍ରସ ପକ୍ଷରୁ ପ୍ରଶିକ୍ଷଣ ଶିବିର ଓ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ଏଥିରେ ମୁଖ୍ୟ ଅତିଥିଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଯୋଗ ଦେଇ କହିଥିଲେ କି ରେଡକ୍ରସ ଦ୍ୱାରା ସ୍ୱାସ୍ଥ୍ୟ କୁ କିଭଳି ଭାବେ ସୁସ୍ଥ ରଖିହେବ ସେ ଦିଗରେ ରେଡକ୍ରସ କଣ କଣ କାମ କରୁଛି, ସେବା କ୍ଷେତ୍ରରେ ମଧ୍ୟ ରେଡ଼କ୍ରସ କଣ କଣ କାର୍ଯ୍ୟକ୍ରମ ହାତକୁ ନେଇଛି ସେ ଦିଗରେ ମଧ୍ୟ ଆଲୋକପାତ କରିଥିଲେ । ଟେଟ୍ରାହେଡ୍ରାନ ର



ଚେୟାରମ୍ୟାନ ତ୍ରିଦେବ ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇ କହିଛନ୍ତି କି ବହୁ ଦିନ ଧରି ରେଡ଼କ୍ରସ ସହିତ ଯୋଡି ହେଇ ରହିଛନ୍ତି ଜୁନିଅର ରେଡ଼କ୍ରସ ମାଧ୍ୟମରେ ଲୋକ ମାନଙ୍କ ସେବା କରିବାର ଗୋଟେ ସୁଯୋଗ ମିଳିଛି ସେ କହିଛନ୍ତି କି ତାଙ୍କ ପରିବାର ରେଡ଼କ୍ରସ ସହିତ ସାଧାରଣ ଲୋକମାନଙ୍କ ସେବା ଓ ବିଶେଷ ଭାବେ ସାଧାରଣ ଗରିବ ଲୋକ ଟି ରକ୍ତ ହୀନତା ରୋଗ ରୁ ରକ୍ଷା ପାଇବା ପାଇଁ ତାଙ୍କ ପରିବାର ମଧ୍ୟ ସେବା ଯୋଗାଇ ଆସୁଛନ୍ତି । ସେହିପରି ସ୍କୁଲ ଖେଳ ପଡିଆରେ ସ୍କୁଲ ଆନନୁଆଲ କ୍ରୀଡ଼ା. ମଧ୍ୟ ଅନୁଷ୍ଠିତ ହୋଇଯାଇଛି ଏଥିରେ ହ୍ୟୁମାନ ରାଇଟ୍ସ ର ସଦସ୍ୟ ପ୍ରାକ୍ତନ ଛାତ୍ର ଅସୀମ ଅମିତାଭ ଦାସ ଓ ଶ୍ରମିକ ନେତା ବୀରେନ୍ଦ୍ର ପ୍ରସାଦ ଦାସ ଯୋଗ ଦେଇ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ପରେ ପରେ ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ କୃତି ପ୍ରତିଯୋଗୀ ଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ତୋଷ ରାଉତ, ପ୍ରାକ୍ତନ ଛାତ୍ର ଇଂ ଅଶୋକ ବିଶ୍ୱାଳ, ପ୍ରାକ୍ତନ ତଥା ପଞ୍ଚାୟତ ସମିତି ମେମ୍ବର ବିନୋଦ ବିହାରୀ ବେହେରା,ପ୍ରଧାନ ଶିକ୍ଷକ କଳ୍ପତରୁ ପାଗଳ, ସରପଞ୍ଚ ଶିବଶଙ୍କର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ।

# ଚୋରା ଚାଲାଣ ହେଉଥିଲା ୧୧ଟି ଶୁଆ ଶାବକ, ଧରିଦେଲା ବନବିଭାଗ

ବାରିପଦା : ମା ଠୁ ଖାଇବା ଛାଡି ନାହିଁ,ଆଖି ଖୋଲିବା ଆଗରୁ ମାଆ ଶୁଆ ପାଖରୁ ଶାବକ କୁ ଚୋରାଇ ଆଣିଥିଲା ଶିକାରୀ ।ବଜାରରେ ଚଢ଼ା ଦରରେ ବିକ୍ରି କରି ମଲେମାଲ ହେବା ଆଶା ନେଇ କରୁଥିଲା ଚୋରା ଚାଲାଣ। ବିଶେଷ ସୂତ୍ରରୁ ଖବର ପାଇ ମାଡ଼ି ବସିଲା ବନ ବିଭାଗ ୧୧ ଟି ଶିଶୁ ଶବକୁ ଉଦ୍ଧାର କରିବା ସହ ଜଣକୁ ଅଟକ ରଖି ଅଧିକ ପଚରା ଉଚୁରା ଜାରି ରଖିଛି। ଦେଖିପାରୁଥିବେ ଏହି ଶିଶୁ ଶାବକ ଗୁଡ଼ିକୁ ମନରେ କିପରି ରହିଛି ଭୟ, ଖୋଲା ଆକାଶରେ ଉଡ଼ିବା ର ଅସରନ୍ତି ସ୍ୱପ୍ନ ଗଢ଼ିବା ଆଗରୁ ପିଞ୍ଜରା ରେ ବନ୍ଦ୍ କରିଦେଇଥିଲା ଦୁର୍ବୃତ୍ତ। ଯଦି ଏହି ନିରୀହ ଶୁଆ ଶାବକ ଗୁଡ଼ିକ କଥା କୁହନ୍ତେ ତେବେ ତାଙ୍କ ଦୁଃଖ ଶୁଣି ଆପଣଙ୍କ ମନରେ ଅନେକ ଯନ୍ତ୍ରଣା ହୁଅନ୍ତା। କଥା ବୁଝିପାରୁଥିବା ମଣିଷ କିନ୍ତୁ ଏ ଜଗଲି ଶୁଆ ଶାବକ ର କଥା ଶୁଣିବାକୁ ମା ପାଖରୁ ଛଡାଇ ଆଣିଛି ସିନା ହେଲେ ଏ କଥା କୁହା ଶୁଆ ଶାବକ ର ଦୁଃଖ ଓ କଷ୍ଟ କୁ ବୁଝି ପାରିନାହିଁ ମଣିଷ। ଗିରଫ ହୋଇ ବନ ବିଭାଗ କବଜାରେ



ଥିବା ଏମାନେ ଶିକାରୀ ନୁହନ୍ତି ଏମାନେ ଜଣେ ଜଣେ ଜହ୍ଲାଦ। ପକ୍ଷୀ ଶାବକ ଗୁଡ଼ିକ ର ଆଖି ନ ଫିଟୁଣୁ ମାଆ କୋଳରୁ କିଛି ଅର୍ଥ ଲୋଭରେ ଚୋରାଇ ଆଣିଥିଲା ତା ବସା ରୁ । ଥରଟିଏ ଭାବିଲାଣି କଣ ବିତୁଥିବ ତା ମାଆ ର ଆଉ ଏ ଶାବକ ର। ଏସସିଏଫ୍ ରବୀନ୍ଦ୍ର ମହାନ୍ତି ସୂଚନା ଦେଇ ପ୍ରକାଶ କରିଛନ୍ତି ବାରିପଦା ସହର ଉପକଣ୍ଠ କଠାପାଳ ଠାରେ ସନ୍ଧ୍ୟା ସମୟରେ ଏକ ବାଇକ୍ ସାହାଯ୍ୟରେ ୧୧ ଟି ଆଲାକଜେଣ୍ଡ୍ରିଆନ ପକ୍ଷୀ ଶାବକ ଗୁଡ଼ିକ ଚାଲାଣ ହେଉଥିବା ଥିବା ବିଶେଷ ସୂତ୍ରରୁ ଖବର ପାଇଁ ଚଢ଼ାଉ କରିଥିଲେ। ୧୧ଟି ଶୁଆ ଶାବକ ମାନଙ୍କୁ ଉଦ୍ଧାର କରିବା ସହ ଜଣକୁ ଅଟକ ରଖି ଅଧିକ ପଚରା ଉଚୁରା ଜାରି ରଖିଛନ୍ତି। ସିତୁଲ ଓ୍ୱାନ ପ୍ରଜାତିଏହି ୧୧ ଟି ପକ୍ଷୀ ଶାବକ ଗୁଡ଼ିକୁ ପିଠାବଟା ରେଞ୍ଜ କାର୍ଯ୍ୟାଳୟର ଏବେ ସେମାନଙ୍କ ରକ୍ଷଣ ବେକ୍ଷଣ ସହ ଯତ୍ନ କରାଯିବ। ସେମାନଙ୍କ ଉଡ଼ିବା ସମୟ ଆସିଲେ ମାଜିଷ୍ଟ୍ରେଟ ଙ୍କ ନିର୍ଦ୍ଦେଶରେ ସେମାନଙ୍କୁ ଖୋଲା ଆକାଶରେ ଛାଡ଼ି ଦିଆଯିବ।

# ତାଳଚେରରେ କେଇଆଇ କମ୍ପାନୀ ପକ୍ଷରୁ ବନ୍ଧୁ ମିଳନ



ତାଳଚେର (ପି.ଏନ) :ତାଳଚେର ରେ କେ ଇ ଆଇ କମ୍ପାନୀ ପକ୍ଷରୁ ଡିଲର ଓ ରିଟେଲର ପକ୍ଷରୁ ଗତ କାଲି ରାତିରେ ତାଳଚେର ର ଏକ ତାରକା ହୋଟେଲ ରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଏହି କେ ଇ ଆଇ ଓୟାର ଆଣ୍ଡ କେବୁଲ କମ୍ପାନୀ ପକ୍ଷରୁ ଡିଲର ଓ ରିଟେଲର ମାନଙ୍କର ଏକ ସ୍ୱତନ୍ତ୍ର ଭାବେ ପରିଚୟ ପ୍ରଦାନ କରିଥିଲେ ପରେ ପରେ ଏହି କମ୍ପାନୀ ପକ୍ଷରୁ ଉତ୍ପାଦିତ ଜିନିଷ ଗୁଡିକର ବିଶେଷତଃ ବିଷୟରେ କମ୍ପାନୀ ର ବ୍ରାଞ୍ଚ ହେଡ୍ ଅବିନାଶ ମହାନ୍ତି, ସିନିୟର ମ୍ୟାନେଜର ସତ୍ୟବ୍ରତ ମୁଦୁଲି, ଆସିଷ୍ଟାଣ୍ଟ ମ୍ୟାନେଜର ଲିପୁନ ବାରିକ ପ୍ରମୁଖ ଉପସ୍ଥିତ ଡିଲର ଓ ରିଟେଲର ମାନଙ୍କୁ କେ ଇ ଆଇ ର ସମସ୍ତ ପ୍ରଡକ୍ଟ ର ଫିଚର ବିଷୟରେ ଅବଗତ କରିବା ସହିତ ଅନ୍ୟ କମ୍ପାନୀ ପ୍ରଡକ୍ଟ ଠାରୁ ଏହା ଭିର୍ଣ୍ଣ ତା ସମ୍ପର୍କରେ ସୂଚନା ଦେଇଥିଲେ ।ଏବଂ କିପରି ଗ୍ରାହକ ମାନଙ୍କୁ ଏହି କେ ଇ ଆଇ ପ୍ରତି ଆକର୍ଷିତ ହୋଇ ପାରିବେ ସେଥିପାଇଁ ଗ୍ରାହକ ମହଲରେ ଏଥିନେଇ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମ କୁ ଅନୁଗୋଳ ର ସିଦ୍ଧିବିନାୟକ ଡିସଟ୍ରିବୁଟର ତଥା ସ୍ୱତଧାରୀ ଆଲୋକ ଆଗ୍ରୱାଲଙ୍କ ପ୍ରତକ୍ଷ ତତ୍ୱବଧାନ କ୍ରମେ ଅନୁଷ୍ଠିତ ହୋଇଥିଲା।

# ପୋଖରୀରେ ବୁଡି ନାବାଳିକା ର ମୃତ୍ୟୁ

ଚମ୍ପୁଆ - ଚମ୍ପୁଆ ଉପଖଣ୍ଡ କେନ୍ଦୁଝର ଜିଲ୍ଲା ର ବାରିଆ ଥାନା ଅର୍ନ୍ତଗତ ଛେଳିଆନାଳ ଗ୍ରାମ ରେ ଖେଳୁଥିବା ବେଳେ ଅଜାଣତରେ ପୋଖରୀ ରେ ବୁଡି ଚାରି ବର୍ଷ ର ନାବାଳିକାଙ୍କ ମୃତ୍ୟୁ ହେଇଛି । ମିଳିଥିବା ସୂଚନା ଅନୁଯାୟୀ ଛେଳିଆନାଳ ଗ୍ରାମ ର ଲୋକନାଥ ନାଏକଙ୍କ ୪ ବର୍ଷ ର ଝିଅ ଖେଳୁଥିବା ସମୟରେ ଘର ପାଖ ପୋଖରୀରେ ବୁଡି ଯାଇଥିଲା ।ଘର ଲୋକେ ଏଣେ ତେଣେ ଖୋଜାଖୋଜି କରିବା ପରେ ଝିଅର ଚପଲ ପୋଖରୀରେ ଭାସୁଥିବା ଦେଖିବାକୁ ପାଇ ପୋଖରୀରୁ ତାର ମୃତ ଦେହ ଉଦ୍ଧାର କରି ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାରିଆ ପୋଲିସ ଡାକ୍ତର ଖାନାରେ ପହଂଚି ଶବକୁ ଜବତ୍ କରି ତଦନ୍ତ ଆରମ୍ଭ କରିଛି ।




# କୋଇଡା ପୋଲିସ ପ୍ରଶାସନ ଆନୁକୁଲ୍ୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

କୋଇଡା : ଜାନୁଆରୀ ୧ ତାରିଖରୁ ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ସାରା ଦେଶ , ରାଜ୍ୟ ଏବଂ ସମସ୍ତ ଅଂଚଳରେ ସଡ଼କ ସୁରକ୍ଷା ମାସ ପାଳନ କାର୍ଯ୍ୟକ୍ରମ କରାଯାଉଅଛି ।ମଣିଷ ଜୀବନ ଦୁର୍ଲଭ ।ପରିବାରର ମୁଖ୍ୟ ଯଦି ଦୁର୍ଘଟଣାରେ ମୃତ୍ୟୁ ବରଣ କରେ ତା'ର ସମସ୍ତ ପରିବାର ଧ୍ୱଂସ ହୋଇଯାଏ । ଦୁର୍ଘଟଣା ହିଁ ଦୁର୍ଘଟଣା । ଦୁର୍ଘଟଣା କାହାକୁ ପଚାରିକି ଆସେ ନାହିଁ । ତେଣୁ ସବୁବେଳେ ସମସ୍ତେ ପାରୁ ପର୍ଯ୍ୟନ୍ତ ସତର୍କ ଅବଲମ୍ବନ କରିବା ଉଚିତ । ଦୁର୍ଘଟଣା ରାସ୍ତାରେ, ଖଣିଖାଦାନରେ ଶିଳ୍ପ କାରଖାନାରେ,ବାତ୍ୟା ସମୟରେ,ଅଗ୍ନି ବିପନ୍ନ ରେ, ପୋଖରୀ,ନଦୀରେ, ବିଜୁଳି ବ୍ୟବହାର ସମୟରେ ,ବଜ୍ରାଘାତରେ, ହେଲିକେପ୍ଟରରେ,ଟ୍ରେନରେ,ବଡ଼ ବଡ଼ ମେଳାରେ,ସବୁଠି ଦୁର୍ଘଟଣା ଘଟିପାରେ ।କିନ୍ତୁ ବିଶେଷତଃ ସଡ଼କ ରାସ୍ତାଘାଟରେ ଦୁର୍ଘଟଣା ମାତ୍ରା ହୁ ହୁ ହୋଇ ବୃଦ୍ଧି ପାଉଛି ।ଯାହାକି ସରକାରଙ୍କ ସମେତ ବୁଦ୍ଧିଜୀବୀ , ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ମହଲରେ ଚିନ୍ତା ବଢାଇ ଦେଇଛି ।ସଡ଼କ ସୁରକ୍ଷା ନେଇ ଆଜି ଗୁରୁବାର ପୂର୍ବାହ୍ନରେ କୋଇଡା ପୋଲିସ ପ୍ରଶାସନ ତରଫରୁ ଥାନାଧିକାରୀ ମନୋରଞ୍ଜନ କୁମ୍ଭାର ଙ୍କ



ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବିଶାଳ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କୋଇଡା ଥାନା ପକ୍ଷରୁ କୋଇଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ଏକ ସୁସଜ୍ଜିତ ସଡ଼କ ସଚେତନତା ଶୁଭାରମ୍ଭ ହୋଇଥିଲା । ଏଥିରେ ବ୍ଲିଡିଓ ରଶ୍ମିରେଖା ପାତ୍ର, ଆଇଆଇସି ମନୋରଞ୍ଜନ କୁମ୍ଭାର, ଜିଲ୍ଲା ପରିଷଦ ସଦସ୍ୟ ଅଶୋକ ନାଏକ, ସରପଞ୍ଚ ହୃଷିକେଶ ଦେହୂରୀ ,କଲେଜ ର ଅଧ୍ୟାପକ ବୃନ୍ଦ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ ।କଲେଜ ଛାତ୍ର ଛାତ୍ରୀ,ବିଦ୍ୟାଳୟର ଛାତ୍ର ଛାତ୍ରୀ ପ୍ରମୁଖ ସଡ଼କ ସୁରକ୍ଷା ସଚେତନତା ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ବାର୍ତା ଦେଇ କୋଇଡା ବଜାର ପରିକ୍ରମା କରି କୋଇଡା ଥାନା ପାଖରେ ପହଞ୍ଚିଥିଲେ । ଶୋଭାଯାତ୍ରାରେ ସଡ଼କ ସୁରକ୍ଷା,ଜୀବନ ରକ୍ଷା,ହେଲେମେଟ ପିନ୍ଧି ବାଇକ ଓ ସ୍କୁଟି ଚଳାଇବା,ବାଇକ ଚଳାଇବା ବେଳେ ମୋବାଇଲ କାନରେ ଲଗାଇ କଥା ନ ହେବା,କାର୍ ରେ ସିଟ୍ ବେଲଟ୍ ପିନ୍ଧି ବସିବା,ଟ୍ରାଫିକ ନିୟମ ମାନିବା,ଦୃତ ଗତିରେ ଗାଡି ନ ଚଳାଇବା,କମ ବୟସ୍କ ପିଲାମାନେ ବାଇକ୍ ନ ଚଳାଇବା,ଗାଡ଼ିରେ ଆବଶ୍ୟକୀୟ ଦସ୍ତାବିଜ ରଖିବା, ସରକାରଙ୍କ ପରିବହନ ନୀତି ମାନି ଚାଲିବା,ଗାଡ଼ି ଚାଳକ ମାନେ ଚକ୍ଷୁ ପରୀକ୍ଷା କରିବା,ଦୃତ ଗତିରେ ଗାଡି ଚଳାଇ ଅନ୍ୟ ଗାଡ଼ିକୁ ଅତିକ୍ରମ ନ କରିବା,ରାସ୍ତା ଘାଟରେ ଗାଈ,ଗୋରୁ ମଇଁଷି, ପଣ୍ଡା ନ ଛାଡିବା,ନିଶା ସେବନ କରି ଗାଡ଼ି ନ ଚଳାଇବା ଉପରେ ରାସ୍ତାରେ ଯାଉଥିବା ପଥିକ, ବାଇକ୍ ଆରୋହୀ,ଗାଡ଼ି ଚାଳକ ମାନଙ୍କୁ ଲିଫଲେଟ ଗୋଲାପ ଫୁଲ ଦେଇ ସଚେତନ କରା ଯାଇଥିଲା ।ଦୁଇ ଜଣ ଯମ୍ବେଶ ଧାରୀ ଗାଡ଼ି ଚାଳକ ମାନଙ୍କ ପାଖକୁ ଯାଇ ଗୋଲାପ ଫୁଲ ଦେଇ ସଡ଼କ ସୁରକ୍ଷା,ଜୀବନ ରକ୍ଷା, ପରିବାର ରକ୍ଷା,ସମାଜ ରକ୍ଷା ବାର୍ତ୍ତା ଶୁଣାଇଥିଲେ । ଏଥିରେ କୋଇଡା ଥାନାର ସମସ୍ତ କର୍ମଚାରୀ , ସ୍ଥାନୀୟ ନେତୃବୃନ୍ଦ, ସ୍ୱେଚ୍ଛାସେବୀ ,ବୁଦ୍ଧିଜୀବୀ, ଅଧ୍ୟାପକ ,ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟତ୍ରୀ,ଗଣମାଧ୍ୟମ ପ୍ରତିନିଧି ସାମିଲ ହୋଇଥିଲେ । ସମସ୍ତେ କହିଥିଲେ ଖଣିଖାଦାନ ଅଂଚଳରେ ସଡ଼କ ଦୁର୍ଘଟଣା ଓ ଖଣି ଦୁର୍ଘଟଣା ମାତ୍ରାଧିକ । ତେଣୁ ସମସ୍ତେ ସଚେତନ ହେବା ସହ ଅନ୍ୟ ମାନଙ୍କୁ ସଚେତନ କରାଇବା ପ୍ରତି ଧ୍ୟାନ ଦେବା ଉଚିତ ।କୋଇଡା ପୋଲିସର ଏଭଳି ସାମାଜିକ ଜନକଲ୍ୟାଣ କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ଏସ୍.କେ. ରହମନ୍ ପେଟ୍ରୋଲପମ୍ପରେ ନୂତନ ବର୍ଷର ଆଗମନରେ ଆକର୍ଷଣୀୟ ଉପହାର ଯୋଜନା

ଭୁବନେଶ୍ୱର : ରସୁଲଗଡସ୍ଥିତ ଭାରତ ପେଟ୍ରୋଲିୟମର ଡିଲର ଏସ୍.କେ. ରହମନ୍ ଏବଂ ଏସ୍.ଏଫ୍. ରହମନ ପେଟ୍ରୋଲ ପମ୍ପରେ ଏକ ମେଗା ଲକି ଡ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପେଟ୍ରୋଲପମ୍ପର ମାଲିକ ଉପସ୍ଥିତ ରହିବା ସହିତ ବଦ୍ରିନାରାୟଣ ସାମନ୍ତରାୟ (ତୃପ୍ତି ମୋଟର୍ସ ପରିଚାଳନା ନିର୍ଦ୍ଦେଶକ) ଏବଂ ବି.ପି.ସି.ଏଲ୍ ର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତ ରହି ଲଟେରୀ ଉଠାଣ କାର୍ଯ୍ୟକ୍ରମକୁ ସମ୍ପାଦନ କରାଇଥିଲେ । ଏହି କାର୍ଯ୍ୟକ୍ରମ ନୂତନ ବର୍ଷର ଆଗମନରେ ଆକର୍ଷଣୀୟ ଉପହାର ଯୋଜନା ରହିଥିଲା । ଏହା ପ୍ରତି ସପ୍ତାହରେ ଉଠାଣ ସହିତ ପ୍ରତିଯୋଗୀ ୭୫ଜଣ ଗ୍ରାହକ ବନ୍ଧୁମାନଙ୍କୁ ଉପହାର ପ୍ରଦାନ କରାଗଲା । ଏହା ସହିତ କମ୍ପାନୀର ୟୁ-ଫିଲ୍ ଗ୍ରାହକମାନଙ୍କ ପାଇଁ ୨୦୦ଟଙ୍କାରୁ ଉର୍ଦ୍ଧ୍ୱ ତେଲ ପକାଇଲେ



୨ପ୍ରତିଶତ ଅଧିକ ଦ୍ରବ୍ୟ ପ୍ରଦାନ କରାଯିବାର ସହିତ ଟ-ଋସକ୍ଷକ୍ଷ ଜରିଆରେ ଗ୍ରାହକଙ୍କ ପାଇଁ ସୁ-ବନ୍ଦୋବସ୍ତ ମଧ୍ୟ କରାଯାଇଥିଲା । ଆମ୍ଭର ଗ୍ରାହକ ବନ୍ଧୁମାନେ ଉପକୃତ କରାଇ ଉଲ୍ଲାସର ସହିତ ସହଯୋଗ କରି କାର୍ଯ୍ୟକ୍ରମକୁ ସମାପ୍ତ କରାଇଥିଲେ । କିନ୍ତୁ ୟୁ-ଫିଲ ସୁବିଧା ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ । ସାପ୍ତାହିକ ସ୍ତରୀୟ ଯୋଜନା ପରିଶେଷରେ ଏକ ବମ୍ପର ପ୍ରାଇଜ୍? କରାଯାଇ ପ୍ରଥମ ସ୍ଥାନ ଭାବରେ ଶ୍ରୀଯୁକ୍ତ ନାରାୟଣ ଭଞ୍ଜ. ଦ୍ୱିତୀୟ ସ୍ଥାନ ଭାବରେ ଶ୍ରୀଯୁକ୍ତ ୨୬୨ ୯୯୯୦........ ଓ ତୃତୀୟ ସ୍ଥାନ ଭାବରେ ....ଙ୍କୁ ଯଥା- ଫ୍ରିଜ୍?, ୱାସିଂ ମେସିନ୍,ଟି.ଭି. ପ୍ରଦାନ କରାଯାଇଥିଲା । ଗ୍ରାହକଙ୍କ ଉତ୍ସାହ, ବିଶ୍ୱାସ ଓ ବନ୍ଧୁତ୍ୱର ସହଯୋଗ ପାଇଁ ଆମ୍ଭେ କୃତଜ୍ଞ ଓ ଚିରୋପକୃତ । ଏଥିପାଇଁ ଧନ୍ୟବାଦ ଜଣାଉଛୁ ।

# ମା' ତାରିଣୀଙ୍କ ଦର୍ଶନ କରି ଆଶୀର୍ବାଦ ନେଲେ କେନ୍ଦୁଝର ଜିଲ୍ଲା ବିଜେପି ର ନୂତନ ସଭାପତି

କେନ୍ଦୁଝର, କେନ୍ଦୁଝର ଜିଲ୍ଲାର ନୂତନ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ବୁଧବାର ଦିନ ଅଧିଷ୍ଠାତ୍ରୀ ଦେବୀ ମା ତାରିଣୀଙ୍କ ଦର୍ଶନ କରି ଆଶୀର୍ବାଦ ନେଲେ । ଜିଲ୍ଲାର ସମସ୍ତ ବ୍ଲକର ଶତାଧିକ ନେତା ଏବଂ କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ସଭାପତି ଶ୍ରୀ ଶୁକଦେବ ମହାନ୍ତ ସପତ୍ନୀକ ମାଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ । ବାଜା ବଜାଇ ବାଣ ଫୁଟାଇ ଉତ୍ସାହର ସହିତ କାର୍ଯ୍ୟକର୍ତ୍ତା ମାନେ ନବନିର୍ବାଚିତ ବିଜେପି ସଂଗଠନ ର ଜିଲ୍ଲା ସଭାପତି ଙ୍କୁ ସ୍ୱାଗତ କରିବା ସହିତ ମା ତାରିଣୀ ଙ୍କ ମନ୍ଦିର କୁ ପାଛୋଟି ନେଇଥିଲେ । ଆଗାମି ଦିନରେ ଜିଲ୍ଲାରେ ଦଳର ସଂଗଠନ କୁ ବୁଥ୍ ସ୍ତରରେ ମଜବୁତ କରିବା ସହିତ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁଫଳ କିପରି ସାଧାରଣ ଲୋକ ପାଇପାରିବେ ସେଥିପାଇଁ




କାର୍ଯ୍ୟକରିବେ ବୋଲି ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ କହିଛନ୍ତି । ଦଳର ନେତୃତ୍ୱ ତାଙ୍କ ଉପରେ ଯେଉଁ ବିଶ୍ୱାସ ରଖି ଜିଲ୍ଲାର ଗୁରୁଦାୟିତ୍ୱ ଦେଇଛନ୍ତି ତାକୁ ପାଥେୟ କରି ସଂଗଠନ କୁ ତୃଣମୂଳ ସ୍ତରରୁ ମଜବୁତ କରିବେ ଓ ଆଗାମି ନିର୍ବାଚନ ରେ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀ ରେ ବିଜେପି ର ପ୍ରାର୍ଥୀ ମାନେ କିପରି ବିଜୟୀ ହେବେ ସେଥିପାଇଁ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକରାଯିବ ବୋଲି କହିଛନ୍ତି ସଭାପତି ଶୁକଦେବ ମହାନ୍ତ । ଏହି କାର୍ଯ୍ୟକ୍ରମ ରେ କେନ୍ଦୁଝର ସାଂସଦ ଙ୍କ ଧର୍ମପତ୍ନୀ ଲବଙ୍ଗଲତା ନାୟକ, ବରିଷ୍ଠ ନେତା ଅମରବର ଖଟୁଆ, ବିବେକାନନ୍ଦ ମହାନ୍ତ, ଆନନ୍ଦପୁର ର ବିଧାୟକ ପ୍ରାର୍ଥୀ ଆଲୋକ ସେଠି,ଘସିପୁରା ର ବିଧାୟକ ପ୍ରାର୍ଥୀ ଡ଼ଃ ଶମ୍ଭୁନାଥ ରାଉତ,ବରିଷ୍ଠ ନେତା ରାମଚନ୍ଦ୍ର ସାହୁ, ଜ୍ଞାନରଞ୍ଜନ ସାମନ୍ତସିଂହାର, ଗୋପୀନାଥ ରାମ, ଅଖିଳ ପାତ୍ର, ଗଣେଶ୍ୱର ମହାନ୍ତ, ଦେବୀପ୍ରସାଦ ମିଶ୍ର, ପ୍ରକାଶ ସୂତ୍ରଧର, ରାଜେଶ ସିଂହ,ଦୀପକ ଜେନା, ଅଶୋକ ବେହେରା, ଜିଲ୍ଲା ମିଡ଼ିଆ ସଂଯୋଜକ ବ୍ରଜକିଶୋର ରାୟ,ହରିହର ମହାନ୍ତ,ସୁବ୍ରତ ମହାନ୍ତି,ଶ୍ରଦ୍ଧାଞ୍ଜଳି କର, ଚପଳା ମହାକୁଡ଼,ସୋମବାରୀ ମୁଣ୍ଡା,ଅସୀମା ମିଶ୍ର ପ୍ରମୁଖ ତଥା ମଣ୍ଡଳ ସଭାପତି ମାନେ ଉପସ୍ଥିତ ରହିଥିଲେ । ଯୁବମୋର୍ଚ୍ଚା ର ଜିଲ୍ଲା ସଭାପତି ସବିର ଦାସଙ୍କ ନେତୃତ୍ୱ ରେ ମୋର୍ଚ୍ଚା ର ସାଧାରଣ ସମ୍ପାଦକ ରୁଦ୍ରପ୍ରସାଦ ବେହେରା ଓ ପ୍ରେମପ୍ରକାଶ ମୁଣ୍ଡା,ଜେମ୍ସ ମେହନ, ବିଷ୍ଣୁଦତ୍ତ ବାରିକ, ହିମାଂଶୁ ପୁହାଣ, ଅଜିତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।କେନ୍ଦୁଝର ରୁ ଜିଲ୍ଲା ପ୍ରତିନିଧି ସୁଢଳ କୁମାର ସେଠୀ ଙ୍କ ରିପୋର୍ଟ ।

# ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଆନନ୍ଦପୁର : ଘସିପୁରା ବ୍ଲକ ଅନ୍ତର୍ଗତ ଭଣ୍ଡାରୀଡିହା ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ସମାଜସେବୀ ଯୁଧିଷ୍ଠିର ନାୟକମୁଖ୍ୟ ବକ୍ତା ଦେଓଗାଁ ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ଜେନା ,ସମ୍ମାନୀତ ଅତିଥି ଭାବେ ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତ,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପବିତ୍ର ମୋହନ ରାଉତ ଏବଂ ଅଜୟ କୁମାର ପଟ୍ଟନାୟକ,ବିଳିକା ଉଚ୍ଚ ବିଦ୍ୟାଳୟ ଭଣ୍ଡାରିଡିହା ପ୍ରଧାନ ଶିକ୍ଷକ



ପ୍ରଶାନ୍ତ କୁମାର ବାସ,ସିଆରସି ସତ୍ୟ ସୁନ୍ଦର ପଟ୍ଟନାୟକ ଏବଂ ଅନ୍ୟମାନେ ପ୍ରମୁଖ ଯୋଗ ଦେଇ ବାର୍ଷିକ ଉତ୍ସବରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିଥିଲେ ।ଅତିଥିଙ୍କ ଗହଣରେ ବାର୍ଷିକ କ୍ରିଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା ।ବାର୍ଷିକ ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# କ୍ଲଷ୍ଟର ସ୍ତରୀୟ ଶିକ୍ଷଣସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀ ମେଳା

ସିନାପାଲି : ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ସରକାରୀ ଉପ୍ରା ବିଦ୍ୟାଳୟ ଖିପ୍ରିମାଲ ଠାରେ ପଡିଆଲପଡା କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀମେଳା ପଡିଆଲପଡା କ୍ଲଷ୍ଟର ସି ଆର ସି ସି ଶ୍ରୀଯୁକ୍ତ ଦେବାନନ୍ଦବାଗ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବରେ ସିନାପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଯତୀନ୍ଦ୍ର କୁମାର ସେଠ୍ ଯୋଗ ଦେଇଥିଲେ ।ସମ୍ମାନିତ ଅତିଥି ଭାବରେ ନୀଳଜୀ ସି ଆର ସି ସି ଶ୍ରୀଯୁକ୍ତ ରାକେଶ କୁମାର ମିଶ୍ର, ଗୋବିନ୍ଦପୁର ସି ଆର ସି ସି ଶ୍ରୀଯୁକ୍ତ ଅତୁଳ କୁମାର ସୁପକାର,ଭଟାପାଣି ସି ଆର ସି ସି ଶ୍ରୀଯୁକ୍ତ ଈଶ୍ୱର ବଘେଲ, କୈଟ ପଦର ସି ଆର ସି ସି ଶ୍ରୀଯୁକ୍ତ ଦେବେନ୍ଦ୍ର ସୁନାନୀ,ଖିପ୍ରିମାଲ ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ



ଶୋଭାରାମ ଜଗତ ପ୍ରମୁଖ ମଞ୍ଚାସିନ ଥିଲେ । ଖିପ୍ରିମାଲ ସରକାରୀ ଉପ୍ରା ବିଦ୍ୟାଳୟ ଶିକ୍ଷକ ଶ୍ରୀଯୁକ୍ତ ନବୀନକୁମାର ନିଆଲ ମଞ୍ଚ ପରିଚାଳନା କରିଥିଲେ ।କ୍ଲଷ୍ଟରସ୍ତରୀୟ ୧୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ । ସମସ୍ତ ଅଂଶ ଗ୍ରହଣକାରି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଟ୍ରଫି ସହିତ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ଅଂଶଗ୍ରହଣ କରି ଥିଲେ । ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କରି ପ୍ରଦର୍ଶନୀ କରିଥିଲେ । ଆଗାମୀ ଦିନରେ ବ୍ଲକ ସ୍ତରୀୟ ପ୍ରଦର୍ଶନୀ ମେଳାରେ ଅଂଶ ଗ୍ରହଣ କରିବେ ବୋଲି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ନିଜ ନିଜମତ ଦେଇଥିଲେ ।ପଡିଆଲପଡା କେନ୍ଦ୍ର ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଧନେଶ୍ୱର ବଞ୍ଜରା ଧନ୍ୟବାଦ ଦେଇଥିଲେ ।

# ବନ୍ଧୁକ ମୁନରେ ରାଜସ୍ୱ ନିରୀକ୍ଷକଙ୍କ ଠାରୁ ଲୁଟିନେଲେ ସୁନା ଗହଣା ମୋବାଇଲ୍

ମୟୂରଭଞ୍ଜ : ଆଜି ବନ୍ଧୁକ ଦେଖାଇ ରାଜସ୍ୱ ନିରୀକ୍ଷକ ଅଧିକାରିଣୀଙ୍କ ଠାରୁ ପିନ୍ଧିଥିବା ସୁନା କାନ ଫୁଲ, ସୁନା ହାର, ମୋବାଇଲ୍ ସହିତ ନଗଦ ଟଙ୍କା ଲୁଟି ନେଇଥିବା ଜଣା ପଡ଼ିଛି । ତେବେ ଏପରି ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ୍ ପାଟବିଲ ପଞ୍ଚାୟତ ଅଧିନସ୍ଥ ପାଟବିଲ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଠାରେ । ତେବେ



ସୂଚନା ରୁ ପ୍ରକାଶ କି କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକ ଅଧିକାରିଣୀ ନିରୁପମା ନାଏକ ଏକୁଟିଆ ଥିବା ବେଳେ ଦୁଇଜଣ ଯୁବକ ବାଇକ୍ ରେ ଆସି ପ୍ରଥମେ କାର୍ଯ୍ୟାଳୟ ସମ୍ମୁଖରେ ବୁଲାବୁଲି କରିଥଲେ ।କାର୍ଯ୍ୟାଳୟରେ କେହିନଥିଲା ଦେଖି ଏହାର ସୁଯୋଗ ନେଇ କାର୍ଯ୍ୟାଳୟ ଭିତରକୁ ପୋସି ଶ୍ରୀମତି ନାଏକଙ୍କୁ ବନ୍ଧୁକ ଦେଖାଇ ପିନ୍ଧି ଥିବା ସୁନା କାନ ଫୁଲ, ସୁନା ହାର , ନଗଦ ସାତ ଶହ ଟଙ୍କା ସହିତ ତାଙ୍କ ମୋବାଇଲ୍ ଲୁଟି ନେଇଥିବା କହିଛନ୍ତି ଶ୍ରୀମତି ନାଏକ । ତେବେ ଏବିଷୟରେ କରଞ୍ଜିଆ ପୋଲିସ୍ କୁ ଖବର ଦେବା ପରେ ଥାନା ଅଧିକାରୀ ନୀରଦ କୁମାର୍ ମଲ୍ଲିକ ଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ସମସ୍ତ ସୂଚନା ନେବା ପରେ ତଦନ୍ତ ଆରମ୍ଭ କରିଥିବା ଜଣା ପଡ଼ିଛି ।

# ବାବା ଭଣ୍ଡେଶ୍ୱର କ୍ରିକେଟ କ୍ଲବ, ଆନୁକୂଲ୍ୟରେ ନରଣଗାଁ ପ୍ରିମିୟର ଲିଗ ସିଜିନ ୧ ର ଉଦଘାଟନ

ବଡ଼ସାହି : ବଡ଼ସାହି ବ୍ଲକ ଅଧୀନ ଶାଳଗାଁ ପଞ୍ଚାୟତ ର ବାବା ଭଣ୍ଡେଶ୍ୱର କ୍ରିକେଟ କ୍ଲବ, ଆନୁକୂଲ୍ୟରେ ନରଣଗାଁ ପ୍ରିମିୟର ଲିଗ ସିଜିନ ୧ ର ଉଦଘାଟନ ଉତ୍ସବ ରେ ମୁଖ୍ୟଅତିଥି ଭାବେ ମାନଗୋବିନ୍ଦପୁର ସମିତି ସଭ୍ୟ ରାକେଶ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ବଡ଼ସାହି ବ୍ଲକ ଯୁବ ବିଜେଡି କାର୍ଯ୍ୟକାରୀ



ସଭାପତି ଦୀପକ କୁମାର ସାହୁ ଯୋଗଦାନ କରିଥିଲେ,ଏହି ଖେଳରେ ୪ ଗୋଟି ଟିମ ଅଂଶ ଗ୍ରହଣ କରିଥିଲେ, ଏହିଖେଳ ଆଜିଠାରୁ ଆରମ୍ଭ ହୋଇ, ଫେବୃଆରୀ ୨ ତାରିଖ ରେ ଶେଷ ହେବ ବୋଲି କମିଟି ପକ୍ଷରୁ ପ୍ରକାଶ କରାଯାଇଛି, ଖେଳ ପରିଚାଳନା ରେ ପ୍ରମୁଖ ଭାବେ କାର୍ତ୍ତିକ ସାମଲ, ବାସୁଦେବ ମିଶ୍ର, ଜିତେନ୍ଦ୍ର ଗିରି, ଆଶିଷ କୁମାର ଜେନା, ରଶ୍ମିରଂଜନ ମାଝୀ, ଚିନ୍ମୟ ସାସମଲ, ଅମିତ ଘଡେଇ ସହଯୋଗ କରିଥିଲେ

# ଏପଟେ ଯାତ୍ରା ଦେଖା, ସେପଟେ ଲୁଟ

ବାଲେଶ୍ୱର : ଯାତ୍ରା ଦେଖିବାକୁ ଯାଇ ଥିବା ବେଳେ ୪ଟି ଘରୁ କଳା କନା ବୁଲାଇଲେ ଲୁଟେରା । ସିସିଟିଭି କ୍ୟାମେରା ରେ ଲୁଟ୍ ସମୟର ଦୃଶ୍ୟ କଏଦ ହେଇଛି । ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ସୋର ଥାନା ଅଧୀନରେ ଥିବା ତୁଣ୍ଡ ପଡ଼ା ରେ । ଘରେ କେହି ନ ଥିବା ବେଳେ ଚୋର ମାନେ କବାଟ ଭାଙ୍ଗି ଅଳଙ୍କାର ଲୁଟ କରିଛନ୍ତି । ତୁଣ୍ଡ ପଡ଼ା ଗାଁ ର ମନ୍ମଥ ନାୟକଙ୍କ ଘର ସହିତ ମାର୍କଣ୍ଡ ନାୟକଙ୍କ ଘରୁ ମଧ୍ୟ ଚୋର ମାନେ ୮୦ହାଜାର ଟଙ୍କା ସହିତ ସୁନା ଗହଣା ସେହିପରି ସଂଜୟ ନାୟକଙ୍କ ଘରୁ ୮୫ହଜାର ଟଙ୍କା ସହିତ ସୁନା ଗହଣା ଲୁଟ ହୋଇଥିବା ଜଣାପଡିଛି । ଘରେ କେହି ନଥିବା ବେଳେ ହୋଇଛି ଲୁଟ । ଦଶାହ ପାଳନ ପାଇଁ ଯାଇଥିବା ସୋର ଓକିଲଙ୍କ ଘରୁ ମଧ୍ୟ କଳା କନା ବୁଲାଇଛନ୍ତି ଲୁଟେରା । ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛି । ଘଟଣାର ସିସିଟିଭି ଫୁଟେଜ ମଧ୍ୟ ସାମ୍ନାକୁ ଆସିଛି ।

# ବିଜ୍ଞାନ ମହାବିଦ୍ୟାଳୟ ଖୋଲିବା ପାଇଁ ଉଚ୍ଚଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର

କୋମନା: ନୂଆପଡ଼ା ଜିଲା କୋମନା ବ୍ଲକ୍ କଣ୍ଢେତରାରେ ଏକ ବିଜ୍ଞାନ ମହାବିଦ୍ୟାଳୟ ଖୋଲିବା ପାଇଁ ଅଞ୍ଚଳର ଯୁବଗୋଷ୍ଠୀ ନୂଆପଡ଼ା ଗସ୍ତରେ ଆସିଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନେ ଦର୍ଶାଇଛନ୍ତି, ଜିଲାର ଏକ ବୃହତ୍ ବ୍ଲକ୍ ହେଉଛି କୋମନା । ବ୍ଲକ୍ ମୁଖ୍ୟାଳୟରେ ଏକମାତ୍ର ବିଜ୍ଞାନ ମହାବିଦ୍ୟାଳୟ ଥିଲେ ମଧ୍ୟ ସମସ୍ତ ଆଗ୍ରହୀ ପିଲା ପଢ଼ିପାରୁ ନାହାନ୍ତି । ଦୂର ସ୍ଥାନରେ ମହାବିଦ୍ୟାଳୟ ଥିବାରୁ ସେଠାରେ ରହି ପାଠ ପଢିବା ଗରିବ ଶ୍ରେଣୀର ପିଲାଙ୍କ ପାଇଁ ସମ୍ଭବ ହେଉନାହିଁ । ତେଣୁ କଣ୍ଢେତରାରେ ଏକ ବିଜ୍ଞାନ ମହାବିଦ୍ୟାଳୟ ଖୋଲିଲେ ଗରିବ ମେଧାବୀ ଛାତ୍ରୀଛାତ୍ର ପଢ଼ିବାର ସୁଯୋଗ ପାଇପାରନ୍ତେ ବୋଲି ଉଲ୍ଲେଖ କରିଛନ୍ତି ଓ କାଣ୍ଢେତରା ଗ୍ରାମରେ ଥିବା ଷ୍ଟାଡିୟମକୁ ମିନି ଷ୍ଟାଡିୟମରେ



ପରିବର୍ତ୍ତନ ପାଇଁ ଚର୍ଚ୍ଚା କରିଥିଲେ ।ଦାବିପତ୍ର ଦେବା ସମୟରେ ପ୍ରଗତି କ୍ଲବ୍ ?ର ପୁରେନ୍ଦ୍ର ସତନାମୀ, ମଧୁସୂଦନ ପାଣିଗ୍ରାହୀ, ଛନୁଲାଲ ସତନାମୀ, ମୁଜିବ ଖାନ, ମନୋଜ ଭୋଇ, ଦିବ୍ୟସିଂ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ରୀତି ସ୍ପୋର୍ଟସ୍‌ର ଗ୍ରେଟ ଗୋଆ ଗେମ୍ସ, ଗୋଆ ସରକାରଙ୍କ ଜରିଆରେ ଭାରତର ପ୍ରଥମ ସମ୍ପୂର୍ଣ୍ଣ ଟେକ୍‌ନିକ ଆଧାରିତ ଅନ୍‌ଲାଇନ ଲଟେରୀ

ନୂଆଦିଲ୍ଲୀ: ନବସୃଜନ-ପରିଚାଳିତ ପ୍ରୟାସସମୂହ କ୍ଷେତ୍ରରେ ଏକ ଅଗ୍ରଣୀ ନାମ ରୀତି ସ୍ପୋର୍ଟସ୍ ୨୦୨୩ରେ ତାଲିକାଭୁକ୍ତ ଏକ ଦ୍ରୁତ-ଅଭିବୃଦ୍ଧିଶୀଳ ଫିନ୍‌ଟେକ କମ୍ପାନୀ ଏମଓଏସ୍ ୟୁଟିଲିଟି ଲିମିଟେଡ ସହିତ ସହଯୋଗୀତାରେ ଭାରତର ଲଟେରୀ ଶିଳ୍ପର ସଂଜ୍ଞା ପୁନଃ ନିର୍ଦ୍ଧାରଣ କରିବାକୁ ଏକ ରଣକୌଶଳାତ୍ମକ ସହଭାଗୀତା ସମ୍ପର୍କରେ ଘୋଷଣା କରିଛି । ଏହି ସହଯୋଗୀତା ଏମଓଏସ୍ ୟୁଟିଲିଟି ଲିମିଟେଡର ୧.୯୨ ଲକ୍ଷ-ଏଜେଣ୍ଟ ନେଟୱର୍କକୁ ଅନ୍‌ଲାଇନ ଲଟେରୀ କାରବାର ପାଇଁ ଅନୁମତି ପ୍ରଦାନ କରୁଥିବା ରାଜ୍ୟଗୁଡିକରେ ସ୍ୱଚ୍ଛତା, ଡିଜିଟାଲ ରୂପାନ୍ତରଣ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଉପଯୋଗ କରିବ ।

ଏହି ପ୍ରୟାସ ଅଧୀନରେ ରୀତି ସ୍ପୋର୍ଟସ୍ ଏବଂ ଏମଓଏସ୍ ୟୁଟିଲିଟି ଲିମିଟେଡ ଦେଶବ୍ୟାପୀ ଏଜେଣ୍ଟମାନଙ୍କୁ ଅନ୍‌ଲାଇନ ଲଟେରୀ ଟିକଟଗୁଡିକ ବିକ୍ରି କରିବା ପ୍ରକ୍ରିୟାକୁ ସୁଗମ କରାଇବେ । ଏହି ପ୍ରକଳ୍ପ 'ଡିଜିଟାଲ ଇଣ୍ଡିଆ' ଦୂରଦୃଷ୍ଟି ସହିତ ମେଳଖାଉଛି, ଯାହା ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରୁଛି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି ।

ଗୋଆ ସରକାରଙ୍କ ସ୍ୱଳ୍ପ ସଞ୍ଚୟ ଓ ଲଟେରୀ ନିର୍ଦ୍ଦେଶାଳୟ ଦ୍ୱାରା ଜାରି କରାଯାଉଥିବା ବିପଣନ ଲାଇସେନ୍ସ ସହିତ ଗ୍ରେଟ ଗୋଆ ଗେମ୍ସ୍ (ଜିଜିଜି) ଭାରତର ଲଟେରୀ ଶିଳ୍ପରେ ଏକ ଅଗ୍ରଣୀ ଭୂମିକା ନେବାକୁ ଯାଉଛି, ଯେଉଁଠି ଭାରତର ୧୦ରୁ ଅଧିକ ରାଜ୍ୟରେ ସମ୍ପ୍ରତି ବହୁଳ ଭାବରେ କାଗଜ ଟିକଟ-ଆଧାରିତ ବ୍ୟବସ୍ଥା ପ୍ରଚଳିତ ରହିଛି । ପ୍ରଯୁକ୍ତି ଜରିଆରେ ଅନ୍‌ଲାଇନ ଲଟେରୀକୁ ଶାଣିତ କରାଯିବା ପ୍ରକ୍ରିୟା ସହିତ ଗୋଆ ସରକାର ୩୩ ବିଲିଅନ ଡଲାର ମୂଲ୍ୟର ଭାରତୀୟ ଲଟେରୀ ଶିଳ୍ପଞ୍ଚରେ ଏକ ନୂଆ ମାନକ ସ୍ଥାପନ କରିଛନ୍ତି ।

ନୂତନ ଅନ୍‌ଲାଇନ ବ୍ୟବସ୍ଥା ସମୁଦାୟ ଭାବରେ କାଗଜବିହୀନ ହେବ, ଯାହା ସମଗ୍ର ଦେଶରେ ସର୍ବାଧୁନିକ ପ୍ରଯୁକ୍ତିର ଉପଯୋଗ କରି ଲଟେରୀ ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ନିମନ୍ତେ ତ୍ରୁଟିଶୂନ୍ୟ ଓ ସହଜ ସୁଯୋଗ ଯୋଗାଇଦେବ । ପ୍ରଯୁକ୍ତି-ପ୍ରଥମ ଆଭିମୁଖ୍ୟକୁ ରୂପାନ୍ତରିତ ହୋଇ ଏହି ପ୍ରୟାସ ଉତ୍ତରଦାୟିତା ଏବଂ ସଚ୍ଚୋଟତାକୁ ପ୍ରୋତ୍ସାହିତ କରିବ, ସୁରକ୍ଷିତ ଏବଂ ବ୍ୟବହାରକାରୀ ଉପଯୋଗୀ ଡିଜିଟାଲ ଲଟେରୀ ସେବାସମୂହର ସୁଯୋଗକୁ ପରିବ୍ୟାପ୍ତ କରିବ ।

ଏହି ସହଯୋଗୀତା ବିଶେଷଭାବରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ରହୁଥିବା ବ୍ୟକ୍ତିବିଶେଷଙ୍କୁ ଏଜେଣ୍ଟ ହେବାକୁ ସୁଯୋଗ ଯୋଗାଇଦେବ । ସ୍ଥାନୀୟ ଔଦ୍ୟୋଗିକତାକୁ ପ୍ରୋତ୍ସାହିତ କରି ଏହା ଆର୍ଥିକ ନିର୍ଭରଶୀଳତା ବୃଦ୍ଧି କରିବା ସହିତ ସେହି ସମୟରେ ଲଟେରୀ କ୍ଷେତ୍ରରେ ବୃହତ୍ତର ଉତ୍ତର ଦାୟିତ୍ୱ ସୁନିଶ୍ଚିତ କରିବ । ଏଥିସହିତ ଏହି ସହଭାଗୀତା କୌଶଳ ବିକାଶକୁ ସମର୍ଥନ କରିବା ସାଙ୍ଗକୁ ବ୍ୟକ୍ତିଗତ ଓ ବୃତ୍ତିଗତ ଭାବରେ ଅଭିବୃଦ୍ଧି ହାସଲ କରିବାକୁ ଏଜେଣ୍ଟମାନଙ୍କୁ ସଶକ୍ତ କରୁଛି । ଗୋଆ ସରକାରଙ୍କର ସମର୍ଥନ ଏହି ଦୂରଦୃଷ୍ଟିର ସଫଳ ରୂପାୟନକୁ ସୁନିଶ୍ଚିତ କରିବ, ଏବଂ ରାଜ୍ୟକୁ ଡିଜିଟାଲ ଲଟେରୀ ସେବାଗୁଡିକ କ୍ଷେତ୍ରରେ ଅଗ୍ରଣୀ ସ୍ଥାନରେ ଅଧିଷ୍ଠିତ କରାଇବ ।

ଗୋଆ ସରକାର ରୀତି ସ୍ପୋର୍ଟସ୍‌କୁ ଲଟେରୀ କ୍ଷେତ୍ରର ରୂପାନ୍ତରଣ ନିମନ୍ତେ ଏହାର ଲକ୍ଷ୍ୟ ପାଇଁ ପୂର୍ଣ୍ଣ ସମର୍ଥନ ଯୋଗାଇ ଦେଇଛନ୍ତି । ଏକ ଅନୁକୂଳ ନିୟାମକ ପରିବେଶ ଯୋଗାଇଦେଇ ସରକାର ଅନ୍‌ଲାଇନ ଲଟେରୀ ସେବାଗୁଡିକର ସାବଲୀଳ କାର୍ଯ୍ୟକାରିତା ସୁନିଶ୍ଚିତ କରିବାକୁ ରୀତି ସ୍ପୋର୍ଟସ୍ ସହିତ ସମ୍ମିଳିତ ପଦକ୍ଷେପ ନେବେ । ଏହି ଅଂଶୀଦାର ବ୍ୟବସ୍ଥା ଦ୍ୱାରା ସ୍ଥାନୀୟ ଜନସମୁଦାୟଙ୍କ ନିମନ୍ତେ ଉଲ୍ଲେଖନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ଏହା ସ୍ୱଚ୍ଛତା, ଉତ୍ତର ଦାୟିତ୍ୱ ଏବଂ ସମାଜ କଲ୍ୟାଣ କ୍ଷେତ୍ରରେ ସର୍ବୋତ୍ତମ କାର୍ଯ୍ୟାଭ୍ୟାସ ସହିତ ମେଳଖାଉଛି ଏବଂ ଅର୍ଥନୀତି ଓ ସମାଜ ଉପରେ ସକାରାତ୍ମକ ପ୍ରଭାବ ପକାଇବ ।




# ଓଡ଼ିଶାର ମ  ନାଟକ, ସଙ୍ଗୀତ, ନୃତ୍ୟର ବିକାଶରେ କବିଚନ୍ଦ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର (ପିଏନ୍): କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଉଦ୍ୟମରୁ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇବା ସହ ଓଡ଼ିଶାର ରାସ, ମ  ନାଟକ, ନୃତ୍ୟ ଓ ସଙ୍ଗୀତର ସାମଗ୍ରିକ ବିକାଶ ହେବା ସହ ରାଜ୍ୟର କଳା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ସାଧିତ ହୋଇଛି ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ କବିଚନ୍ଦ୍ରଙ୍କ ପ୍ରତିମୂ ର୍ତ୍ତି ସ୍ଥଳୀରେ ଆୟୋଜିତ ୪୪ତମ ଶ୍ରାଦ୍ଧୋତ୍ସବରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ତାଙ୍କ ପ୍ରତିମୂ ର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବାଙ୍କୀ-ଡମପଡ଼ା ବ୍ଲକ୍ ଅଧକ୍ଷ ପ୍ରଣବ କୁମାର ପଟେଲ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଗାନ୍ଧିବାଦୀ ଅଧାପକ ଉପେନ୍ଦ୍ର ପାଢ଼ୀ, ଯୁବନେତା ରବି ସାମଲ, ବିକାଶ ଗିରି, ସତ୍ୟବ୍ରତ ଜେନା, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ମହାପାତ୍ର ପ୍ରମୁଖ ନିଜ ବକ୍ତବ୍ୟରେ ବାଙ୍କୀ ମାଟିର ଯୋଗ୍ୟ ଦାୟାଦ କଳାକୁ ଜୀବନସାଥୀ ଭାବରେ ଗ୍ରହଣ କରି ଅବିବାହିତ ରହି ରାଜ୍ୟର କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରିଥିଲେ ବୋଲି ପ୍ରକାଶ କରିଥିଲେ। ଓଡ଼ିଶାର ମ  ନାଟକର ବିକାଶ ପାଇଁ ନିଜେ ନାଟକ ରଚନା କରିବା ସହ ନିର୍ଦ୍ଦେଶନା ଦେଇ ତାହାକୁ ଓଡ଼ିଶା ଥିଏଟର ମାଧ୍ୟମରେ ପରିବେଷଣ କରିଥିଲେ। ଏହାପରେ ଗଜପତିଙ୍କ ନିମନ୍ତ୍ରଣ ପାଇ ପୁରୀରେ ରାସ ଓ ନାଟକର ବିକାଶ ପାଇଁ କାର୍ଯ୍ୟ କରିଥିଲେ। ଗଜପତି ତାଙ୍କୁ କବିଚନ୍ଦ୍ର ଉପାଧିରେ ସମ୍ମାନିତ କରିଥିଲେ। ଏହାପରେ ଗଜପତିଙ୍କ ଦରବାର ଛାଡ଼ି ପୁରୀ ଓ ସାକ୍ଷୀଗୋପାଳରେ ନୃତ୍ୟଦଳ ଗଠନ କରି ସମଗ୍ର ରାଜ୍ୟରେ ନୃତ୍ୟ ପରିବେଷଣ କରୁଥିଲେ। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଗଣିତ ନାଟକ, କାବ୍ୟ, କବିତା ରଚନା କରି ରାଜ୍ୟର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। 'ଭାତ' ନାଟକ ସହ 'ଶ୍ରୀଜୟଦେବ ଓ ଗୀତଗୋବିନ୍ଦ' ତାଙ୍କର ଅମୂଲ୍ୟ କୀ ର୍ତ୍ତି। ତାଙ୍କ ଆଦର୍ଶରେ ଯୁବକଳାକାର ଅନୁପ୍ରାଣିତ ହେଲେ ରାଜ୍ୟର କଳା ସମୃଦ୍ଧ ହୋଇପାରିବ। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ଓ ଉପେନ୍ଦ୍ର ପାଢ଼ିଙ୍କ ଜନ୍ମଦିନ ଅବସରରେ ତାଙ୍କୁ ଜନ୍ମଦିନ ଅଭିନନ୍ଦନ ଜଣାଇ ସମ୍ମାନିତ କରାଯିବା ସହ ବାଙ୍କୀବାସୀଙ୍କ ପକ୍ଷରୁ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଉ  ରୀୟ ପ୍ରଦାନ କରାଯାଇଥିଲା। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟଙ୍କ ଲିଖିତ ପୁସ୍ତକ 'ସହଜ ପ୍ରାଣାୟମ ଓ ଯୋଗାସନ' ପୁସ୍ତକ ଉନ୍ମୋଚିତ ହୋଇଥିଲା।

# ମହାକାଳପଡ଼ା ବୃହତ ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ଚାଲିଥିବା ବୃହତ ପାନୀୟ ଜଳଯୋଗାଣ ପ୍ରକଳ୍ପର ଦୁଇଟି ପଏ  କରାଯାଇଛି। ଗୋଟିଏ ହେଉଛି ଦକ୍ଷିଣ ଜୋନ ଓ ଅନ୍ୟଟି ହେଉଛି ଉ  ର ଜୋନ। ଦକ୍ଷିଣ ଜୋନଟି ମହାକାଳପଡ଼ା ବ୍ଲକରେ ରହିଥିବାବେଳେ ଉ  ର ଜୋନଟି ମାର୍ଶାଘାଇ ବ୍ଲକରେ ରହିଛି। ଦକ୍ଷିଣ ପଏ  ର କାର୍ଯ୍ୟ ପ୍ରାୟତଃ ଶେଷ ହେବା ଉପରେ। ଆସନ୍ତା ଅଗଷ୍ଟ ମାସ ୧୫ତାରିଖ ସୁଦ୍ଧା ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଲୋକମାନଙ୍କୁ ପାନୀୟଜଳ ଯୋଗାଇଦେବା ପାଇଁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ନିର୍ମାଣ କାର୍ଯ୍ୟ କରୁଥିବା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାପାଳ ନିର୍ମାଣକାରୀ ସଂସ୍ଥାକୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ କହିଥିଲେ ଏହି ପ୍ରକଳ୍ପ ଦ୍ୱାରା ୫୫ ହଜାର ଲୋକଙ୍କ ଘରେ ପାଇପ ଯୋଗେ ପାନୀୟ ଜଳ ପହ ଞ୍ଚିବ। ଯାହା ଫଳରେ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ। ଦକ୍ଷିଣ ଜୋନର କାର୍ଯ୍ୟ ତୁରନ୍ତ ସାରି ଲୋକଙ୍କୁ ପାନୀୟ ଜଳ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ କହିଥିବା ବେଳେ ଉ  ର ଜୋନକୁ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ପାଇଁ ସେ କହିଥିଲେ। ଏହି ସମୀକ୍ଷା ବୈଠକରେ ବିଭାଗୀୟ ଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଥାଉକି ଏହି ପ୍ରକଳ୍ପ ହେବା ଦ୍ୱାରା ମହାକାଳପଡ଼ା ବ୍ଲକର ୨୬ଟି ପ  ାୟତ ଓ ମାର୍ଶାଘାଇ ବ୍ଲକର ୧୧ଟି ପ  ାୟତର ଲୋକେ ପାନୀୟ ଜଳ ପାଇପ ଯୋଗେ ପାଇପାରିବେ। ଫଳରେ ଗ୍ରୀଷ୍ମଋତୁରେ ଜଳକଷ୍ଟର ସମ୍ମୁଖୀନ ହେଉଥିବା ଏହି ପ  ାୟତଗୁଡିକର ଲୋକମାନଙ୍କ ପାନୀୟଜଳ ସମସ୍ୟା ରହିବ ନାହିଁ। ଦକ୍ଷିଣ ଜୋନ କାର୍ଯ୍ୟକ୍ଷମ ହେଲେ ମାର୍ଶାଘାଇ ବ୍ଲକର ୩ଟି ପ  ାୟତ ଓ ମହାକାଳପଡ଼ା ବ୍ଲକର ୯ଟି ପ  ାୟତର ଲୋକମାନେ ଉପକୃତ ହୋଇପାରିବେ।

# ସ୍କାଉଟସ୍ ଗାଇଡସ୍‌ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂସ୍ଥାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନଲାଇନ୍ ମାଧ୍ୟମରେ ଆୟୋଜିତ ହୋଇଥିଲା । ରାଜ୍ୟ ମୁଖ୍ୟ କମିଶନର ଡଃ. କାଳି ପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟଙ୍କ ସ୍ୱାଗତ ଅଭିଭାଷଣ ପରେ ଓଡିଶାର ବିଭିନ୍ନ ଜିଲ୍ଲାର ଦିବଂଗତ ସ୍କାଉଟ୍ ଗାଇଡ୍‌ର ସଭ୍ୟସଭ୍ୟାମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଗତ ବର୍ଷରେ ରାଜ୍ୟ ସଂସ୍ଥା ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରାଯିବା ସଂଗେ ସଂଗେ ଆଗାମୀ ବର୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡ଼ିକର ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏତଦ୍‌ବ୍ୟତୀତ ବିଗତ ବର୍ଷର ଆୟବ୍ୟୟ ସମୀକ୍ଷା କରାଯାଇ ଆଗାମୀ ବର୍ଷର ଆର୍ଥିକ ଖର୍ଚ୍ଚ ଅଟକଳ କମିଟି ଦ୍ୱାରା ଅନୁମୋଦନ ଲାଭ କରିଥିଲା। ଜାତୀୟ ତଥା ଅନ୍ତର୍ଜାତୀୟ ସଂଗଠନ ଦ୍ୱାରା ଯୁବପୀଢ଼ିମାନଙ୍କ ପାଇଁ ପ୍ରାୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଯଥା: Sustanable Development Goal, ସ୍ୱଚ୍ଛ ଭାରତ ଅଭିଯାନ, ସର୍ଫ ସ୍ମାର୍ଟ, ଫ୍ରି ବିଙ୍ଗ୍ ମିଂ, ଷ୍ଟପ୍ ଦି ଭାଇଓଲେନ୍ସ୍, ମେସେଞ୍ଜର ଅଫ୍ ପିସ୍ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମଗୁଡ଼ିକରେ ରାଜ୍ୟ ବିଶେଷ ସଫଳତା ପାଇଥିବାରୁ କମିଟିରେ ଆନନ୍ଦ ପ୍ରକାଶ ପାଇଥିଲା। ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରିବା ପାଇଁ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ସଭ୍ୟମାନଙ୍କର ସହଯୋଗ କାମନା କରିଥିଲେ। ଏହି ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀମାନେ ଯୋଗଦେଇଥିଲେ । ପରିଶେଷରେ ରାଜ୍ୟ କମିଶନର (ହେଡକ୍ୱାର୍ଟର) ଶ୍ରୀ ରାଧାକାନ୍ତ ଦାସ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ସଭା ଭଙ୍ଗ କରାଯାଇଥିଲା।

# କେନ୍ଦୁଝରଗଡ ରେଳଷ୍ଟେସନରୁ ଯୁବତୀ ଉଦ୍ଧାର

କେନ୍ଦୁଝର (ପିଏନ୍): ଗତ ୨୫ ତାରିଖ ରାତିରେ ଭୁବନେଶ୍ୱରରୁ କେନ୍ଦୁଝରଗଡ ଟ୍ରେନ ରେ ଆସିଥିବା ଜଣେ ଯୁବତୀଙ୍କୁ କେନ୍ଦୁଝରଗଡ ରେଳଷ୍ଟେସନରୁ ଉଦ୍ଧାର କରାଯାଇଛି। ରାତ୍ରୀ ୯ଟା ୨୫ରେ ୧୮୪୫୬ ନଂ ଫାଷ୍ଟ ପାସେଂଜର ଟ୍ରେନ କେନ୍ଦୁଝରଗଡ ରେଳଷ୍ଟେସନରେ ପହଁଚିବା ପରେ ରେଲୱେ ପୋଲିସକୁ କିଛି ଯାତ୍ରୀ ଖବର କରିଥିଲେ। ରେଲୱେ ପୋଲିସ ଯୁବତୀଙ୍କୁ ଉଦ୍ଧାର କରି କେନ୍ଦୁଝର ଟାଉନ ପୋଲିସ ସହାୟତାରେ ବଣିଆପାଟ ସ୍ଥିତ ସ୍ୱଧାର ଗୃହରେ ରଖିଛି। ଯୁବତୀ ମାନସିକ ରୋଗରେ ଆକ୍ରାନ୍ତ ଥିବା ଆଶଙ୍କା କରାଯାଉଛି। ଏଣୁ ସେ ତାର ସଠିକ୍ ଠିକଣା କହିପାରୁନାହିଁ। ସେ ହିନ୍ଦିରେ କଥାବା ର୍ତ୍ତା କରୁଛି। ଯୁବତୀଙ୍କ ବୟସ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତେବେ ଉକ୍ତ ଯୁବତୀ କେଉଁ ସ୍ଥାନରୁ ଆସିଛି ତାହାର ତଦନ୍ତ ପୋଲିସ କରୁଛି।

# ହାଟଡିହି ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ହାଟଡିହି (ପିଏନ୍): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ ଗତ ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିଚିତ୍ରାନନ୍ଦ କରଙ୍କ ତ  ୍ୱାବଧାନରେ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ ଯୋଗଦେଇ ବିଭିନ୍ନ ଅଂଚଳରୁ ଆସିଥିବା ସାଧାରଣ ଲୋକଙ୍କଠାରୁ ୧୩୦ଟି ଅଭିଯୋଗ ଗ୍ରହଣ କରିବା ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅଭିଯୋଗ ଶୁଣାଣିରେ ଶାଳଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହାଟଡିହି ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ପ୍ରସଙ୍ଗରେ ଦୀର୍ଘ ସମୟ ଧରି ସ୍ଥାନୀୟ ଅଧିବାସୀ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘଦିନ ଧରି ଡାକ୍ତର ପଦବୀ ଖାଲି ପଡିଥିବାରୁ ସମଗ୍ର ହାଟଡିହି ବ୍ଲକ ଅଂଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟୟ ହୋଇ ପଡିଛି। ସେହିପରି ହାଟଡିହି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବର ସମସ୍ୟା ଲାଗି ରହିଥିବାରୁ ଶିକ୍ଷାଦାନରେ ଅଚଳ ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଠାକରେ କେତେକ ଦିବ୍ୟାଙ୍ଗ ମାନଙ୍କୁ ତିନିଚକିଆ ଟ୍ରାୟ ସାଇକେଲ ବିତରଣ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଂ, ଆନନ୍ଦପୁର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ତହସିଲଦାର ଦିଲ୍ଲୀପ କୁମାର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ।

# ମନରେଗା ଅର୍ଥ ଆତ୍ମସାତ୍ ଘଟଣାରେ ଲୋକାୟୁକ୍ତଙ୍କ ତଦନ୍ତ ନିର୍ଦ୍ଦେଶ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁର ପ  ାୟତ ଇମାମ୍‌ନଗର ଗାଁରେ ମନରେଗା ଅର୍ଥ ଆତ୍ମସାତ ଘଟଣାର ୨ଦିନିଆ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଲୋକାୟୁକ୍ତ। ଆସନ୍ତା ଅଗଷ୍ଟ ୧୬ ଓ ୧୭ତାରିଖରେ ଲୋକାୟୁକ୍ତଙ୍କ ତଦନ୍ତକାରୀ ଟିମ୍ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ଓ ଘଟଣାସ୍ଥଳରେ ପହ ଞ୍ଚି ତଦନ୍ତ କରିବ। ଏଥିରେ ଧର୍ମଶାଳା ବିଡ଼ିଓ ଉପସ୍ଥିତ ରହି ସହଯୋଗ କରିବାକୁ ଲୋକାୟୁକ୍ତ ଗତ ୨୮ତାରିଖ ପତ୍ରସଂଖ୍ୟା-ଏଲ୍‌ୱାଇ-୫୮୯୨ରେ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ସମୟରେ ବ୍ଲକ୍‌ର ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପିଇଓ ଓ ଜିଆର୍‌ଏସ୍ ସହଯୋଗ କରିବେ। ସେହିପରି ଅଭିଯୋଗ ସ୍ଥାନ ସରକାରୀ ଜମି କିମ୍ବା ବ୍ୟକ୍ତିଗତ ଜମି ଏହାକୁ ମାପଚୁପ କରିବା ପାଇଁ ଏଠାକାର ରାଜସ୍ୱ ନିରୀକ୍ଷକ ଓ ଅମିନ ଉପସ୍ଥିତ ରହିବେ ବୋଲି ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି। ଅଭିଯୋଗକାରୀ ସାରୋଇ ଗ୍ରାମର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ଅଦାଲତରେ ପହ ଞ୍ଚି ନିଜ ପକ୍ଷ ରଖିବା ସହିତ ଅଭିଯୋଗ ସଂପର୍କୀତ କାଗଜପତ୍ର ଦାଖଲ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ବନ୍ୟାପ୍ଲାବିତ ଇମାମ୍ ନଗର ଗାଁ ରାସ୍ତାର ଉଚ୍ଚତା ବଢ଼ାଇବା ପାଇଁ ମନରେଗା ଯୋଜନାରେ ୫୫୫ ମିଟର ରାସ୍ତା ମରାମତି ପାଇଁ ୨୦୨୦/୨୧ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ମାତ୍ର ଏହି ଗ୍ରାମର ଅକ୍ଷୟ କୁମାର ପାଳଙ୍କ ଘର ନିକଟରୁ ସୁନାକର ରାଉତଙ୍କ ଘର ପର୍ଯ୍ୟନ୍ତ ୨୮୦ ମିଟର ମାଟିରାସ୍ତା ମରାମତିରେ ୨ଲକ୍ଷ ୯୩ହଜାର ୯୧୦ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ଦାୟିତ୍ୱରେ ଥିବା ଠିକାଦାର ମାତ୍ର ୬୦ମିଟର ରାସ୍ତାକାମ କରି ୨୮୦ ମିଟର କାମ କରିଛନ୍ତି ବୋଲି କାଗଜପତ୍ର ପ୍ରସ୍ତୁତ କରି ୨ଲକ୍ଷ ୯୩ହଜାର ୯୧୦ଟଙ୍କା ଉଠାଇ ନେଇଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଥିଲା। ତାହା ପୁଣି ବ୍ୟକ୍ତିଗତ ଜମିରେ ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ସୂଚନା ଅଧିକାର କର୍ମୀ ଶ୍ରୀ ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଜୁନ୍ ୨୨ତାରିଖରେ ଲୋକାୟୁକ୍ତଙ୍କ ଅଦାଲତରେ ୧୩୪/୨୦୨୨(ବି-୧)ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ଏଥିରେ ଧର୍ମଶାଳା ବିଡ଼ିଓ ଅରବିନ୍ଦ ବେହେରା ଓ ତତ୍କାଳୀନ ପିଇଓ ନିର୍ମଳ ଚନ୍ଦ୍ର ପଣ୍ଡାଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଦାୟିତ୍ୱରେ ଥିବା ଠିକାଦାର ମନରେଗା ନିୟମାନୁସାରେ କାମ ନକରି ବେଆଇନ ଭାବେ ଶ୍ରମିକଙ୍କ ବଦଳରେ ଟ୍ରକ୍ ଓ ମେସିନ୍ ବ୍ୟବହାର କରିଥିଲେ। ସରକାରୀ ଜମି ବଦଳରେ ବ୍ୟକ୍ତିଗତ ଜମିରେ ମନରେଗା ଅର୍ଥ ବିନିଯୋଗ ହୋଇଥିଲା। ଏଭଳି ଏକ ସଙ୍ଗୀନ୍ ଅଭିଯୋଗର ଶୁଣାଣି କରି ଲୋକାୟୁକ୍ତ ତାଙ୍କ ନିଜସ୍ୱ ତଦନ୍ତକାରୀ ଟିମ୍‌କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଭ୍ରାନ୍ତିହୀନ କ୍ରାନ୍ତିକାରୀ ପ୍ରାଣନାଥ



ମାନବ ସମାଜର ଅଗ୍ରଗତି ପଥରେ ଯେଉଁସବୁ ପ୍ରତିବନ୍ଧକ ରହିଛି ତାକୁ ହଟାଇ ସ୍ଥିତାବସ୍ଥା ବଦଳରେ ନୂତନ ପ୍ରଗତିଶୀଳ ବ୍ୟବସ୍ଥାକୁ ଯିବାର ନାମ କ୍ରାନ୍ତି। ସ୍ୱର୍ଗୀୟ ପ୍ରାଣନାଥ ପଟ୍ଟନାୟକ ଥିଲେ ଏହି କ୍ରାନ୍ତି ପଥର ଯାତ୍ରୀ। ତେଣୁ ସେ ଥିଲେ କ୍ରାନ୍ତିକାରୀ। ଅତି ସରଳ ଭାବରେ ବୁଝିବାକୁ ଗଲେ ସେ ଥିଲେ ଜଣେ ଉତ୍ସର୍ଗୀକୃତ ସଂଗ୍ରାମୀ, ସମାଜ ସଂସ୍କାରକ, ବାମପନ୍ଥୀ ଚିନ୍ତାଧାରାର ପ୍ରବକ୍ତା, ପ୍ରଗତିବାଦର ଜନନେତା, ଶିକ୍ଷାର ପ୍ରସାରରେ ଅଗ୍ରଣୀ, ଆସନ୍ତାକାଲିର ସାହିତ୍ୟ ଲେଖକ।

ଗୋଟିଏ ସମ୍ଭ୍ରାନ୍ତ ବଂଶରେ ଜନ୍ମଲାଭ କରି ଉଚ୍ଚଶିକ୍ଷା ଲାଭ କରିଥିବା ଯୁବକ ପ୍ରାଣନାଥ ପଟ୍ଟନାୟକ ଉଚ୍ଚ ଚାକିରିର ମୋହ ତ୍ୟାଗ କରି ଐତିହାସିକ ଆବଶ୍ୟକତାର ଆହ୍ୱାନକୁ ସ୍ୱାଗତ ଜଣାଇ ଏବଂ ଗାନ୍ଧି, ଗୋପବନ୍ଧୁଙ୍କୁ ନିଜ ଜୀବନର ଆଦର୍ଶ ରୂପେ ଗ୍ରହଣ କରିନେଇ ଜାତୀୟ ମୁକ୍ତି ଆନ୍ଦୋଳନକୁ ଲମ୍ଫ ଦେଇଥିଲେ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଥିଲେ କ୍ରାନ୍ତିକାରୀ ଓ କ୍ରାନ୍ତିପଥର ପଥିକ। ୧୯୩୬ରେ ଓଡ଼ିଶାରେ କୃଷକ ସଙ୍ଗଠନ ଗଠିତ ହେଲା। ପ୍ରାଣନାଥ ପଟ୍ଟନାୟକ ସେହି ସଙ୍ଗଠନର ମୁଖ୍ୟ କର୍ତ୍ତା ଭାବେ ରହିଥିଲେ। ଦୀର୍ଘବର୍ଷ ଧରି ରାଜ୍ୟ କୃଷକ ସଭାର ସେ ସଭାପତି ରହି କୃଷକ ଆନ୍ଦୋଳନକୁ ନେତୃତ୍ୱ ଦେଉଥିଲେ। ମାର୍କ୍ସବାଦର ବୈଜ୍ଞାନିକ ସାମ୍ୟବାଦ ତତ୍ତ୍ୱରେ ଉଦ୍‌ବୁଦ୍ଧ ହୋଇ କଲିକତାରେ କମ୍ୟୁନିଷ୍ଟ ପାର୍ଟି ଗଠିତ ହେଲା। ଭଗବତୀ ଚରଣ ପାଣିଗ୍ରାହୀ ଏହାର ସମ୍ପାଦକ ରହିଥିଲେ। ତେଣୁ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ସେ ଥିଲେ ଅନ୍ୟତମ ସ୍ରଷ୍ଟା।

ସ୍ୱାଧୀନତା ପରେ ମଧ୍ୟ ସେ ଦୀର୍ଘଦିନ ଆତ୍ମଗୋପନ କରି ଶେଷରେ ୧୯୪୮ରୁ ୫୨ ପର୍ଯ୍ୟନ୍ତ ଅଟକବନ୍ଦୀ ହୋଇ ରହିବା ସହିତ ୧୯୬୪ରେ ଦରଦାମ ବୃଦ୍ଧି, ବ୍ୟାଙ୍କ ଜାତୀୟକରଣ, ରଜାଙ୍କ ଭତ୍ତା କାଟ ଦାବି ନେଇ ଆନ୍ଦୋଳନ କରି ଦୀର୍ଘ ଛଅ ମାସରୁ ଊର୍ଦ୍ଧ୍ୱକାଳ ବନ୍ଦୀ ଜୀବନ କଟାଇଥିଲେ। ସେ ଜଣେ ନିର୍ଭୀକ ସଂଗ୍ରାମୀ ଭାବେ ଏସବୁ ଦଣ୍ଡକୁ ସହ୍ୟକରି ନେଉଥିଲେ। ଖୋର୍ଦ୍ଧାବାସୀଙ୍କ ଶ୍ରଦ୍ଧା ପାଇ ସେ ଓଡ଼ିଶା ବିଧାନସଭାକୁ ୧୯୩୬/୩୭ରେ ଓ ସ୍ୱାଧୀନତା ପରେ ୧୯୫୭ରେ ବିଧାୟକ ଭାବେ ନିର୍ବାଚିତ ହୋଇ ଆସିଥିଲେ। ଜଣେ ବିଧାୟକ ଭାବେ ତାଙ୍କର ଯଥେଷ୍ଟ ସମ୍ମାନ ଓ ଖ୍ୟାତି ଥିଲା। ପ୍ରାଣନାଥ ପଟ୍ଟନାୟକ କେବଳ ଏକ ନାମ ନୁହେଁ। ଏହା ଏକ କ୍ରାନ୍ତିକାରୀ ସଙ୍ଗଠନ, ଏକ କ୍ରାନ୍ତିକାରୀ ତତ୍ତ୍ୱ, ଏକ କ୍ରାନ୍ତିକାରୀ ଇତିହାସ। ଆଗକୁ ଆଲୋକ ଦେଖାଉଥିବା ଏକ ଉଜ୍ଜ୍ୱଳ ନକ୍ଷତ୍ର।

# ଯୁବମାରଣ ନୀତି ବିରୋଧରେ ଯୁବ କଂଗ୍ରେସର ଯୁବ ସମ୍ପର୍କ ପଦଯାତ୍ରା




ଭୁବନେଶ୍ୱର (ପିଏନ୍): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ସଭାପତି ଡ଼ଃ ସ୍ମୃତିରଂଜନ ଲେଙ୍କାଙ୍କ ନେତୃତ୍ୱରେ ୨୯ ତାରିଖ ଶୁକ୍ରବାର ମାଲକାନଗିରିଠାରୁ ଆରମ୍ଭ ହୋଇଛି ରାଜ୍ୟବ୍ୟାପୀ ଯୁବ ସମ୍ପର୍କ ପଦଯାତ୍ରା। ଶନିବାର ଏହି ପଦଯାତ୍ରା କୋରାପୁଟର ଜୟପୁରଠାରେ ପହଂଚିଛି। ଦେଶ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ଦେଶର ତଥା ରାଜ୍ୟର ଯୁବପିଢ଼ୀମାନଙ୍କୁ ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାରର ଯୁବମାରଣ ନୀତି ବିରୋଧରେ ସଚେତନ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି ପଦଯାତ୍ରା। ରାଜ୍ୟର ସମସ୍ତ ଜିଲ୍ଲାକୁ ଯାତ୍ରା କରି ଯୁବ ପିଢ଼ୀମାନଙ୍କୁ ସଚେତନ କରିବା ସହ କଂଗ୍ରେସ ଦଳର ବିଚାରଧାରାକୁ ଯୁବପିଢ଼ୀଙ୍କ ନିକଟରେ ପହଂଚାଇବା ପାଇଁ 'ୟୁଥ୍ ଯୋଡୋ, ବୁଥ୍ ଯୋଡୋ' କାର୍ଯ୍ୟକ୍ରମକୁ ମଧ୍ୟ ହାତକୁ ନିଆଯାଇଛି। କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା କିଭଳି ଯୁବପିଢ଼ୀଙ୍କ ଭବିଷ୍ୟତ ନଷ୍ଟ କରିବା ସହ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ, ସେ ସମ୍ପର୍କରେ ଜନଜାଗରଣ ମଧ୍ୟ ରାଜ୍ୟବ୍ୟାପୀ କରାଯିବ ବୋଲି ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡଃ ସ୍ମୃତିରଂଜନ ଲେଙ୍କା ପ୍ରକାଶ କରିଛନ୍ତି। ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାର ଯୁବପିଢ଼ିମାନଙ୍କୁ ପ୍ରତାରିତ କରିଛି। ରାଜ୍ୟରେ ୨୨ ବର୍ଷର ବିଜୁ ଜନତା ଦଳର ସରକାର ସମୟରେ ଶିକ୍ଷିତ ଯୁବକଯୁବତୀମାନଙ୍କୁ ସ୍ଥାୟୀ ନିଯୁକ୍ତି ନଦେଇ ଚୁକ୍ତିଭିତିକ ନିଯୁକ୍ତି ଦେଇ ଠିକା ଶ୍ରମିକ ଭାବେ ନିୟୋଜିତ କରୁଛି। ଏ ସବୁକୁ ଦୃଢ଼ ଭାବେ ନିନ୍ଦା କରିବା ସହ ତୁରନ୍ତ ଚୁକ୍ତିଭିତିକ ନିଯୁକ୍ତି ପ୍ରତ୍ୟାହାର କରିବାକୁ ଦୃଢ଼ ଦାବି ଜଣାଇଛି ଯୁବ କଂଗ୍ରେସ। ଏହାବ୍ୟତୀତ ରାଜ୍ୟରେ ସରକାରୀ ନିଯୁକ୍ତି ବୟସ ସୀମା ୩୨ ବର୍ଷରୁ ୪୨ ବର୍ଷକୁ ବୃଦ୍ଧି କରି ସମ୍ପୂର୍ଣ୍ଣଭାବେ ଏହାକୁ କାର୍ଯ୍ୟକାରୀ କରିବାକୁ ଯୁବ କଂଗ୍ରେସ ଦାବି କରିଛି। ରାଜ୍ୟ କଂଗ୍ରେସ ପୁଣି ଥରେ ନିଜର ସତାକୁ ଫେରିବା ଲକ୍ଷ୍ୟ ରଖି ଆରମ୍ଭ କରିଥିବା ମିଶନ ୯ରୁ ୯୦କୁ ସଫଳ କରିବା ପାଇଁ ଯୁବ କଂଗ୍ରେସ ଏହି ମିଶନ୍‌ର ସାରଥି ହେବ ବୋଲି ଡଃ ଲେଙ୍କା ପ୍ରକାଶ କରିଛନ୍ତି। ରାଜ୍ୟରେ ବିଜେଡିର ଏକଛତ୍ରବାଦ ଶାସନର ଅନ୍ତ କରିବା ପାଇଁ ଯୁବପିଢ଼ୀମାନଙ୍କୁ ଏବେଠାରୁ ସଜାଗ କରୁଛି ଯୁବ କଂଗ୍ରେସ। ଯୁବ କଂଗ୍ରେସ ପକ୍ଷରୁ ଏକ ବିରାଟ ପରିବର୍ତ୍ତନ ଲକ୍ଷ୍ୟରେ ହୋଇଥିବା ଏହି ପଦଯାତ୍ରାରେ ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ତଥା ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ଶେଷ ନାରାୟଣ ଓଝା, ସହ ପ୍ରଭାରୀ ଅଭିନବ ସିଦ୍ଧାର୍ଥ ଭଗତଙ୍କ ସହ କୋରାପୁଟ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ଜ୍ଞାନରଂଜନ ରାଉତ, ସମ୍ପାଦକ ବିଶ୍ୱଜିତ ଲେଙ୍କା, ରମେଶ ଖରା ଓ ରାଉରକେଲା ଜିଲ୍ଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ଖେଳ ପର୍ଯ୍ୟବେକ୍ଷକ

Bhubaneswar Wednesday May 14 ଭୁବନେଶ୍ୱର ବୁଧବାର, ୧୪, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଟେଷ୍ଟ କ୍ରିକେଟରେ 'ବିରାଟ' ଯୁଗ ଶେଷ



କିଙ୍ଗ। ରନ ମେସିନ। ଫିନିଶର। ଚେଜ ମାଷ୍ଟର। ଦୀର୍ଘ ସମୟ ଦିନ ଧରି ଚାଲିଥିବା ଚର୍ଚ୍ଚା ସତ ପ୍ରମାଣିତ ହୋଇଛି। ଧଳା ଜର୍ସିରେ ଆଉ ଭାରତ ପାଇଁ କ୍ରିକେଟ ଖେଳିବେ ନାହିଁ ବିରାଟ କୋହଲି। କାରଣ ଆଜି ବେଶ ଅପ୍ରତ୍ୟାଶିତ ଢଙ୍ଗରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ଟିମ ଇଣ୍ଡିଆର ଷ୍ଟାର ବ୍ୟାଟର ବିରାଟ କୋହଲି।ଇଂଲଣ୍ଡ ବିପକ୍ଷ ୫ ଟିକିଆ ଟେଷ୍ଟ ସିରିଜ ପୂର୍ବରୁ ବିରାଟ କ୍ରିକେଟର ଏହି ଲମ୍ବା ଫର୍ମାଟକୁ ଅଲବିଦା କହିଛନ୍ତି। ବିରାଟଙ୍କ ଅବସର ସହ ଟେଷ୍ଟ କ୍ରିକେଟରେ ଗୋଟିଏ ବଡ ଓ ଐତିହାସିକ ଯୁଗର ଅବସାନ ଘଟିଛି। ଦୀର୍ଘ ୧୪ ବର୍ଷ ଧରି ଟେଷ୍ଟ କ୍ରିକେଟରେ ବିରାଟ ସୃଷ୍ଟି କରିଥିବା ନୂଆ ଅଧ୍ୟାୟରେ ପଡିଛି ପୂର୍ଣ୍ଣଚ୍ଛେଦ।ଜୁନ ୨୦ରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଲିଡ୍ସରେ ୫ ଟିକିଆ ଟେଷ୍ଟ ସିରିଜ ଆରମ୍ଭ ହେବ। ଏହାପୂର୍ବରୁ ୩୬ ବର୍ଷୀୟ ବିରାଟ ଇନଷ୍ଟାଗ୍ରାମରେ ଗୋଟିଏ ବିରାଟ ପୋଷ୍ଟ କରି ଟେଷ୍ଟ କ୍ରିକେଟକୁ ବାଏବାଏ କହିଛନ୍ତି। ଏହାପୂର୍ବରୁ ସେ ୨୦୨୪ ନଭେମ୍ବର ମାସରେ ଟି-୨୦ କ୍ରିକେଟରୁ ଅବସର ନେଇଥିଲେ। ଏବେ ସେ କେବଳ ଭାରତ ପାଇଁ ଦିନିକିଆ ଫର୍ମାଟରେ ନଜର ଆସିବେ।

# ଓଜନ ହ୍ରାସରେ ସହାୟକ ହେଉଥିବା ସ୍ୱାସ୍ଥ୍ୟକର ଜଳଖିଆ ବିକଳ୍ପ



ଭୁବନେଶ୍ୱର: ଭୋକ ଲାଗିବା ସମୟରେ ଅସ୍ୱାସ୍ଥ୍ୟକର ଖାଦ୍ୟ ପ୍ରତି ଆକର୍ଷିତ ହେବା ଏକ ସାଧାରଣ କଥା । ତେଣୁ ଭୋକ ସମୟରେ ସ୍ନାକ୍ସ ଖାଇବା ଭୁଲ ନୁହେଁ ବରଂ ସଠିକ ସ୍ନାକ୍ସ ବାଛିବା ଆପଣଙ୍କର ଓଜନ ହ୍ରାସ ଯାତ୍ରାରେ ଅଧିକ ସହାୟକ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଏମବିବିଏସ ଏବଂ ନ୍ୟୁଟ୍ରିସିଅନିଷ୍ଟ ଡ଼କ୍ଟର ରୋହିଣୀ ପାଟିଲ ଆଲମଣ୍ଡ, ଫଳ ତଥା ପନିପରିବା ଭଳି ପୋଷଣଯୁକ୍ତ ଖାଦ୍ୟଗୁଡ଼ିକୁ ନିୟନ୍ତ୍ରିତ ପରିମାଣରେ ସେବନ କରିବା ଲାଗି ପରାମର୍ଶ ଦେଇଛନ୍ତି । ଆଲମଣ୍ଡ ସମେତ ଏହି ବୁଦ୍ଧିମାନ ସ୍ନାକିଙ୍ଗ ବିକଳ୍ପଗୁଡ଼ିକ ଭୋକ ଦୂର କରିବା ସହିତ ଅତ୍ୟାବଶ୍ୟକୀୟ ପୋଷଣ ପ୍ରଦାନ କରି ଯାହା ଆପଣଙ୍କୁ ସନ୍ତୁଷ୍ଟି ଏବଂ ଶକ୍ତି ପ୍ରଦାନ କରେ । ଏଥିପାଇଁ ସେ କିଛି ସ୍ୱାସ୍ଥ୍ୟକର ଜଳଖିଆ ବିକଳ୍ପ ସମ୍ପର୍କରେ କହିଛନ୍ତି ଯାହା ଆପଣଙ୍କର ଏହି ଓଜନ ହ୍ରାସ ଯାତ୍ରାରେ ଆପଣଙ୍କୁ ସନ୍ତୁଷ୍ଟ ରଖିବା ସହିତ ସୁସ୍ଥତାରେ ବାନ୍ଧି ଧରି ରଖିପାରିବ।

ଆଲମଣ୍ଡ ପ୍ରୋଟିନ, ମ୍ୟାଗନେସିୟମ, ଭିଟାମିନ ଇ ତଥା ଜିଙ୍କ ଭଳି ୧୫ଟି ଜରୁରୀ ପୌଷ୍ଟିକ ତତ୍ୱରେ ଭରପୂର ଅଟେ। ଏହାର କୁରୁକୁରିଆ ସ୍ୱାଦ ଆପଣଙ୍କୁ ସନ୍ତୁଷ୍ଟି ପ୍ରଦାନ ସହିତ ଯିବା ଆସିବା ସମୟରେ ଆପଣଙ୍କର ଭୋକର ପ୍ରତିବନ୍ଧକକୁ ଦୂର କରିଥାଏ। ଆଲମଣ୍ଡ ହୃଦୟ ସ୍ୱାସ୍ଥ୍ୟ, ତ୍ୱଚ୍ଚ ସ୍ୱାସ୍ଥ୍ୟ ଏବଂ ପରିପୂର୍ଣ୍ଣତାରେ ସାହାଯ୍ୟ କରେ ଯାହା ଓଜନ ହ୍ରାସ ପରିଚାଳନା ପାଇଁ ଉପଯୁକ୍ତ ହୋଇଥାଏ। ଡ଼କ୍ଟର ରୋହିଣୀ ପାଟିଲ ବିଶେଷ ଭାବରେ କାଲିଫର୍ଣ୍ଣିଆ ଆଲମଣ୍ଡ ଖାଇବା ପାଇଁ ପରାମର୍ଶ ଦେଇଛନ୍ତି ଯାହା ପ୍ରାକୃତିକ ପ୍ରୋଟିନ, ସ୍ୱାସ୍ଥ୍ୟକର ଚର୍ବି ଏବଂ ତନ୍ତୁରେ ଭରପୂର ହୋଇ ରହିଛି ଏବଂ ଏହା ଅଧିକ ସମୟ ପର୍ଯ୍ୟନ୍ତ ପେଟଭରା ଅନୁଭବ ପ୍ରଦାନ କରିଥାଏ। ଏହା ମଧ୍ୟ ବହୁବିଧ ଉପଯୋଗୀ ଯାହାକୁ ଆପଣ ବିଭିନ୍ନ ଉପାୟରେ ଖାଇପାରିବେ।

ବିନା ତେଲରେ ନନ-ଷ୍ଟିକ ପ୍ୟାନରେ ପ୍ରସ୍ତୁତ ମୁଗଡାଲି ଚିଲା ମଧ୍ୟ ଏକ ଓଜନ ହ୍ରାସକାରୀ ଜଳଖିଆ ଅଟେ। ମୁଗ ଡାଲି ପୋଟାସିୟମ, ମାଗ୍ନେସିୟମ, ଆଇରନ ଏବଂ କପରରେ ପରିପୂର୍ଣ୍ଣ ହୋଇଥାଏ। ଅତି ଭଲ ଭାବରେ କଟା ଯାଇଥିବା ସବୁଜ ପନିପରିବା ଯେପରିକି ପାଳଙ୍ଗ ସାଗ, ପିଆଜ, ଟମାଟୋ ଇତ୍ୟାଦିକୁ ଏଥିରେ ଯୋଗ କରିବା ଦ୍ୱାରା ଏହାର ପୌଷ୍ଟିକତା ମୂଲ୍ୟ ଆହୁରି ବଢ଼ିଯାଏ। ଗଜା ମୁଗ ଏବଂ ଗଜା ବୋଟ ମଧ୍ୟ ଅତ୍ୟନ୍ତ ପୋଷଣଯୁକ୍ତ ହୋଇଥାଏ। ଏଥିରେ କାକୁଡ଼ି, ଟମାଟୋ, କଂଚା ଆମ୍ବ, ଲେମ୍ବୁରସ, ମୁଢ଼ି ମିଶାଇ ଖାଇପାରିବେ ଯାହାକି ଫାଇବର, ଭିଟାମିନ ଏ, ସି ଏବଂ କେ ତଥା କ୍ୟାଲସିଅମ ଏବଂ ଲୌହ ଭଳି ଖଣିଜ ପଦାର୍ଥ ପ୍ରଦାନ କରିଥାଏ। ଏଥିରେ ରହିଥିବା ନିମ୍ନମାନର ଗ୍ଲାଇସେମିକ୍ ସୂଚକାଙ୍କ ରକ୍ତ ସର୍କରାକୁ ସ୍ଥିର ରଖିବାରେ ସାହାଯ୍ୟ କରିବା ସହିତ ଶରୀରରେ ଶକ୍ତି ସ୍ତରକୁ ବଜାୟ ରଖେ ଯାହା ଶରୀରର ଓଜନକୁ ସଠିକ୍ ଭାବରେ ଧରି ରଖିବାରେ ଯଥେଷ୍ଟ ସାହାଯ୍ୟ କରିବ।

ପ୍ରୋଟିନ ସମୃଦ୍ଧ ଜଳଖିଆ ପାଇଁ ପନିର ଏକ ସବୁଠାରୁ ଭଲ ପସନ୍ଦ ଅଟେ। ଏହା ମାଂସପେଶୀ ପରିଚାଳନା କରିବା ସହିତ ଅସ୍ଥିଜନିତ ସ୍ୱାସ୍ଥ୍ୟ ତଥା ପରିପୂର୍ଣ୍ଣତାରେ ସହାୟତା ପ୍ରଦାନ କରିଥାଏ। ଏଥିପାଇଁ ସାଦା ପନିର ଖଣ୍ଡ ସହିତ କଟା ହୋଇଥିବା କାକୁଡ଼ି ଖଣ୍ଡକୁ ମିଶାଇ ଏଥିରେ ଲେମ୍ବୁରସ ଏବଂ କିଛି ମାତ୍ରାରେ ମସଲା ମିଶାଇ ଏକ ସତେଜଭରା, ନିମ୍ନ କ୍ୟାଲୋରୀଯୁକ୍ତ ସ୍ନାକ୍ସ ପ୍ରସ୍ତୁତ କରନ୍ତୁ। ସେହିଭଳି ଭଜା ବୋଟ ଏକ ସହଜରେ ମିଳିପାରୁଥିବା ଉଚ୍ଚମାନର ପୌଷ୍ଟିକ, ଉଚ୍ଚମାନର ତନ୍ତୁଜାତୀୟ ଜଳଖିଆ ଯେଉଁଥିରେ ନିମ୍ନମାନର ଚର୍ବି ଏବଂ କ୍ୟାଲୋରୀ ରହିଥାଏ । ଏହା ଲୌହ, ଫସଫରସ, ମ୍ୟାଗନେସିୟମ ଏବଂ ଭିଟାମିନ୍ ବି୬ ପ୍ରଦାନ କରିଥାଏ।

## ଶ୍ରଦ୍ଧାଞ୍ଜଳି



### ✓ ପ୍ରମୋଦ କୁମାର ଖଣ୍ଡାୟୀ

ଆବିର୍ଭାବ : ୧୦.୦୫.୧୯୬୫

ତିରୋଧାନ : ୦୩.୦୫.୨୦୨୫

କ୍ଷେତ୍ରପାଳ, ଚଣ୍ଡିଖୋଲ, ଯାଜପୁର

ଆଜି ଦ୍ୱାଦଶାହରେ ଆମେ ସମସ୍ତେ ତୁମ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଈଶ୍ୱରଙ୍କୁ ଆନ୍ତରିକ ପ୍ରାର୍ଥନା କରୁଛୁ ତୁମ ଆତ୍ମା ପରମ ଶାନ୍ତି ଓ ସଦ୍‌ଗତି ଲାଭ କରୁ ।

ପତ୍ନୀ ବିଭାସିନୀ, ପୁତ୍ର ଡା. ପି.ବି. ସଂଯୋଗ କୁମାର,ଭାଇମାନେ : ଦେବେନ୍ଦ୍ରନାଥ ଖଣ୍ଡାୟୀ, ପ୍ରଶାନ୍ତ କୁମାର ଖଣ୍ଡାୟୀ, ପ୍ରଦୀପ୍ତ କୁମାର ଖଣ୍ଡାୟୀ, ଭଉଣୀ : ଜ୍ୟୋତ୍ସ୍ନାମୟୀ ଖଣ୍ଡାୟୀ, ଭେଣୋଇ, ଭାଉଜ, ପୁତୁରା, ଝିଆରି ବନ୍ଧୁ ଓ ପରିବାରବର୍ଗ

# ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ

## କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ସଫଳତା

CBSE TOPPERS



Trisha Rath, Humanities · Hans Daruka, Science · Dipti Sahu, Commerce

10TH TOPPER



Uswastee Ubika Patsani

ଭୁବନେଶ୍ୱର, ୧୩।୫: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆଜି ପ୍ରକାଶିତ ହୋଇଛି। ଏଥିରେ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଦ୍ୱାଦଶରେ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତ୍ରିଶା ରଥ କଳାରେ ସର୍ବାଧିକ ୯୯.୪ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍‌ପର ହେବା ସହ ଆଞ୍ଚଳିକ ଟପ୍‌ପର ହୋଇଛନ୍ତି। ସେହିପରି ହଂସ ଦାରୁକା ବିଜ୍ଞାନରେ ସର୍ବାଧିକ ୯୮.୮ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଥିବା ବେଳେ ବାଣିଜ୍ୟରେ ଦୀପ୍ତି ସାହୁ ସର୍ବାଧିକ ୯୮.୬ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି। ଚଳିତବର୍ଷ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ୪୦ ପ୍ରତିଶତ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖି ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

ସେହିପରି ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଉତ୍କର୍ଷ ବଜାୟ ରଖିଛନ୍ତି। ଦଶମରେ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ସ୍କୁଲ୍‌ର ଉଶ୍ୱସ୍ତି ଉବିକା ପାଟଶାଣୀ ସର୍ବାଧିକ ୯୯ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି।ସେନ୍ ଗ୍ଲୋବ୍ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶେମ୍ରଣୀରେ ଉତ୍ତୀର୍ଣ୍ଣ:

କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ସ୍ପେଶିଆଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସେନ୍ ଗ୍ଲୋବ୍‌ରେ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନେ ମଧ୍ୟ ଏକ ପ୍ରଭାବଶାଳୀ ଫଳାଫଳ ରେକର୍ଡ କରିଛନ୍ତି। ସେନ୍ ଗ୍ଲୋବର ଚାରି ଜଣ ଛାତ୍ର ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ଜଣେ ଛାତ୍ର ୯୫ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ସେନ୍ ଗ୍ଲୋବର ଛାତ୍ରଛାତ୍ରୀ ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷାରେ ସ୍କୁଲ୍ ପାଇଁ ଗୌରବ ଆଣିପାରିଛନ୍ତି । ଏଥିରେ ୭ଜଣ ଛାତ୍ରଛାତ୍ରୀ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ଜଣେ ୮୭ ପ୍ରତିଶତ ନମ୍ବର ରଖିବାରେ ସମର୍ଥ ହୋଇଛନ୍ତି।ସ୍କୁଲ୍‌ର ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ଏବଂ ଛାତ୍ରଛାତ୍ରୀଙ୍କୁ ସମୟ ଉପଯୋଗୀ ପରାମର୍ଶ ଯୋଗୁଁ ଦୀର୍ଘ ୧୭ବର୍ଷ ହେଲା ଏହି ସଫଳତା ସମ୍ଭବ ହୋଇଆସୁଛି। ଏଥିପାଇଁ ସେ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନା ଲିସା ବଳ ଏବଂ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ତଥା ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଶେଷ କରି ସେନ୍ ଗ୍ଲୋବର ଛାତ୍ରଛାତ୍ରୀମାନଙ୍କର ଉପଯୁକ୍ତ ଯତ୍ନ ନିଆଯାଇପାରୁଥିବାରୁ ସେମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରୁଛନ୍ତି।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray